بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ କାଦିଆନ
Weekly BADAR Qadian
Odia

ସଂଖ୍ୟା: 13
ବାର୍ଷିକ ଦେୟ : 600/-

26 ରମଜାନ୍ 1446 ହି.କ, 27 ଅମାନ୍ 1404 ହି.ଶ, 27 March 2025 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا كُتِبَ عَلَيۡكُمُ الصِّيَامُ كَمَا كُتِبَ عَلَى الَّذِيۡنَ مِنۡ قَبۡلِكُمۡ لَعَلَّكُمۡ تَتَّقُوۡنَ ۝

**(ଅଲ୍ ବକ୍ରାହ୍: 184)**

**ଅନୁବାଦ:** ହେ ବିଶ୍ୱାସକାରୀମାନେ! ତୁମମାନଙ୍କ ପାଇଁ ରୋଜା (ଓଷା) ରଖିବା ମଧ୍ୟ ସେହିପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ସକାଶେ ଏହା ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ (ଆଧାତ୍ମିକ ଓ ନୈତିକ ଦୁର୍ବଳତା ଜନିତ ତ୍ରୁଟିରୁ) ରକ୍ଷା ପାଇ ପାରିବ ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

**ଏବଂ ହେ ରସୁଲ ! ଯେବେ ଆମ୍ଭ ଭକ୍ତମାନେ ତୁମ୍ଭଙ୍କୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କହ) ଆମ୍ଭେ ସେମାନଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥାଉ (ଭକ୍ତମାନେ ଯେତେବେଳେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି ସେତେବେଳେ ସେ ଭକ୍ତର ପ୍ରାର୍ଥନାକୁ ସ୍ୱୀକାର କରନ୍ତି)। ଆମ୍ଭେ ସେମାନଙ୍କୁ କହୁ କି ଆମ୍ଭେ ତୁମଭ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେତେବେଳେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ସେତେବେଳେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ। ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍‌ପଥଗାମୀ ହେବେ।**

### ଅଲ୍ଲାଃତାଲାଙ୍କ ବାଣୀ

وَاِذَا سَاَلَكَ عِبَادِىۡ عَنِّىۡ فَاِنِّىۡ قَرِيۡبٌ ؕ اُجِيۡبُ دَعۡوَةَ الدَّاعِ اِذَا دَعَانِۙ فَلۡيَسۡتَجِيۡبُوۡا لِىۡ وَلۡيُؤۡمِنُوۡا بِىۡ لَعَلَّهُمۡ يَرۡشُدُوۡنَ ۝١٨٧ اُحِلَّ لَـكُمۡ لَيۡلَةَ الصِّيَامِ الرَّفَثُ اِلٰى نِسَآٮِٕكُمۡ ؕ هُنَّ لِبَاسٌ لَّـكُمۡ وَاَنۡـتُمۡ لِبَاسٌ لَّهُنَّ ؕ عَلِمَ اللّٰهُ اَنَّکُمۡ كُنۡتُمۡ تَخۡتَانُوۡنَ اَنۡفُسَكُمۡ فَتَابَ عَلَيۡكُمۡ وَعَفَا عَنۡكُمۡ ۚ فَالۡـــٰٔنَ بَاشِرُوۡهُنَّ وَابۡتَغُوۡا مَا كَتَبَ اللّٰهُ لَـكُمۡ ۚ وَكُلُوۡا وَاشۡرَبُوۡا حَتّٰى يَتَبَيَّنَ لَـكُمُ الۡخَـيۡطُ الۡاَبۡيَضُ مِنَ الۡخَـيۡطِ الۡاَسۡوَدِ مِنَ الۡفَجۡرِ ۖ ثُمَّ اَتِمُّوا الصِّيَامَ اِلَى الَّيۡلِ ۚ وَلَا تُبَاشِرُوۡهُنَّ وَاَنۡـتُمۡ عٰكِفُوۡنَ فِى الۡمَسٰجِدِ ؕ تِلۡكَ حُدُوۡدُ اللّٰهِ فَلَا تَقۡرَبُوۡهَا ؕ كَذٰلِكَ يُبَيِّنُ اللّٰهُ اٰيٰتِهٖ لِلنَّاسِ لَعَلَّهُمۡ يَتَّقُوۡنَ- ۝١٨٨

**(ଅଲ୍ ବକ୍ରାହ୍: 188)**

ଅନୁବାଦ: ଏବଂ ହେ ରସୁଲ ! ଯେବେ ଆମ୍ଭ ଭକ୍ତମାନେ ତୁମ୍ଭଙ୍କୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ କି ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ତେବେ ଆମ୍ଭେ ତାହାର ପ୍ରାର୍ଥନାକୁ ସ୍ୱୀକାର ବା ଗ୍ରହଣ କରିଥାଉ । ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ । ଫଳରେ ସେମାନେ ସତ୍‌ପଥଗାମୀ ହେବେ । ତୁମମାନଙ୍କୁ ରୋଜା ରଖିଥିବା ରାତ୍ରିମାନଙ୍କରେ ନିଜ ପତ୍ନୀମାନଙ୍କ ନିକଟକୁ ଯିବା ସକାଶେ ଅନୁମତି ପ୍ରଦାନ କରାଯାଇଛି । ସେମାନେ ତୁମମାନଙ୍କ ପାଇଁ ଏକ ପ୍ରକାରର ପରିଧାନ (ଅର୍ଥାତ୍ ଜଣେ ଅନ୍ୟ ଜଣକର ସଂରକ୍ଷକ । ଜଣେ ଥିଲେ ଅପର ନାମରେ ଦୋଷାରୋପ କରିବାକୁ ଲୋକ ଭୟ କରିଥାଆନ୍ତି । ପରିଧାନ ଯେପରି ଶରୀରକୁ ରକ୍ଷା କରିଥାଏ, ଠିକ୍ ସେହିପରି ପତି ପତ୍ନୀ ପରସ୍ପରର ସଂରକ୍ଷକ ଅଟନ୍ତି।) ସଦୃଶ ଓ ତୁମେମାନେ ସେମାନଙ୍କ ପାଇଁ ଏକ ପ୍ରକାରର ପରିଧାନ ସଦୃଶ। ତୁମେମାନେ ନିଜ ପ୍ରବୃତ୍ତିକୁ ଦମନ କରୁଥିବା ବିଷୟ ଅଲ୍ଲାଃଙ୍କୁ ଜଣା ଅଛି । ତେଣୁ ସେ ତୁମମାନଙ୍କ ଉପରେ ଅନୁଗ୍ରହପୂର୍ବକ ଦୃଷ୍ଟି ଦେଇଛନ୍ତି ତଥା ତୁମମାନଙ୍କୁ ଏହି ଅବସ୍ଥାର ସୁଧାର କରି ଦେଇଛନ୍ତି । ଅତଏବ୍ ତୁମେମାନେ ବର୍ତ୍ତମାନ ଅନାୟାସରେ ସେମାନଙ୍କ ନିକଟକୁ ଯାଅ ଏବଂ ଅଲ୍ଲାଃତାଲା ତୁମମାନଙ୍କ ପାଇଁ ଯାହା ଯାହାକିଛି ନିୟତ (ଧାର୍ଯ୍ୟ) କରିଛନ୍ତି ତାହାକୁ ଅନ୍ୱେଷଣ କର ଏବଂ ତୁମମାନଙ୍କୁ ପ୍ରଭାତର ଧଳାରେଖା କଳାରେଖା ଠାରୁ ପୃଥକ୍ ଦେଖାଯିବା ପର୍ଯ୍ୟନ୍ତ ଭୋଜନ କର ଓ ପାନ କର । ତା' ପରେ ପ୍ରଭାତରୁ ରାତ୍ରିର ଆଗମନ ପର୍ଯ୍ୟନ୍ତ ରୋଜା ସମାପନ କର ଏବଂ ଯେବେ ତୁମେ ମସଜିଦରେ 'ଏତେକାଫ୍' ପାଳନ କରୁଥାଅ ସେତେବେଳେ ସେ ପତ୍ନିମାନଙ୍କ ପାଖକୁ ଯାଅ ନାହିଁ । ଏହା ଅଲ୍ଲାଃଙ୍କ ନିର୍ଦ୍ଧାରିତ ସୀମା ଅଟେ। ତେଣୁ ତୁମେ ସେଗୁଡ଼ିକ ନିକଟକୁ ମଧ୍ୟ ଯାଅ ନାହିଁ । ଅଲ୍ଲାଃତାଲା ଏହିପରି ଭାବରେ ଲୋକମାନଙ୍କ ପାଇଁ ନିଜର ଆଦେଶ ବର୍ଣ୍ଣନା କରନ୍ତି ଯଦ୍ଦ୍ୱାରାକି ସେମାନ ଧ୍ୱଂସମୁଖରେ ରକ୍ଷା ପାଇବେ ।

### ଆଁହଜରତ ସ.ଅଙ୍କ ବାଣୀ:-
### ରୋଜା ଢାଲ ଅଟେ

عَنۡ اَبِیۡ هُرَیۡرَةَ رَضِیَ اللّٰهُ عَنۡهُ قَالَ : قَالَ رَسُوۡلُ اللّٰهِ صَلَّی اللّٰهُ عَلَیۡهِ وَسَلَّمَ : قَالَ اللّٰهُ عَزَّوَجَلَّ : كُلُّ عَمَلِ بۡنِ اٰدَمَ لَهٗ اِلَّا الصِّیَامَ فَاِنَّهٗ لِیۡ وَاَنَا اَجۡزِیۡ بِهٖ ۔ وَالصِّیَامُ جُنَّةٌ فَاِذَا كَانَ یَوۡمُ صَوۡمِ اَحَدِكُمۡ فَلَا یَرۡفُثۡ وَلَا یَصۡخَبۡ فَاِنۡ سَابَّهٗ اَحَدٌ اَوۡ قَاتَلَهٗ فَلۡیَقُلۡ : اِنِّیۡ صَآئِمٌ ۔ وَالَّذِیۡ نَفۡسُ مُحَمَّدٍ بِیَدِهٖ لَخُلُوۡفُ فَمِ الصَّآئِمِ اَطۡیَبُ عِنۡدَ اللّٰهِ مِنۡ رِیۡحِ الۡمِسۡكِ ۔ لِلصَّآئِمِ فَرۡحَتَانِ یَفۡرَحُهُمَا ، اِذَا اَفۡطَرَ فَرِحَ ، وَاِذَا لَقِیَ رَبَّهٗ فَرِحَ بِصَوۡمِهٖ ۔

**( ବୁଖାରୀଲ କିତାବୁସ୍ ସୋମ୍, ବାବ୍ هَلۡ یَقُوۡلُ اِنِّیۡ صَائِمٌ اِذَا شُتِمَ)**

ଅନୁବାଦ: ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା କୁହନ୍ତି: "ମନୁଷ୍ୟର ସମସ୍ତ କର୍ମ ତା' ନିଜ ପାଇଁ ଅର୍ଥାତ୍ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ହୋଇଥାଏ । କିନ୍ତୁ ରୋଜା (ଓଷା) ମୋ ସକାଶେ ଉଦ୍ଦିଷ୍ଟ ଅଟେ ଓ ମୁଁ (ଅଲ୍ଲାଃତାଲା) ହିଁ ସ୍ୱୟଂ ସେହି ରୋଜାର ପ୍ରତିଫଳ ମନୁଷ୍ୟକୁ ପ୍ରଦାନ କରିବି । ଅର୍ଥାତ୍ ସେହି ପୁଣ୍ୟ ବଦଳରେ ମୁଁ (ପ୍ରଭୁଙ୍କ) ଭକ୍ତକୁ ଦର୍ଶନ ଦେବି । ଅର୍ଥାତ୍ ସାନ୍ନିଧ ପ୍ରଦାନ କରିବି । ଅଲ୍ଲାଃତାଲା କୁହନ୍ତି ରୋଜା ଢାଲ ଅଟେ । ଅତଏବ୍ ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ରୋଜା ରଖେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ପକ୍ଷେ ଏହା ଉଚିତ୍ କି ସେ ନା ବାଯ୍ୟ କଥାବାର୍ତ୍ତା କରୁ ଓ ନା ହିଁ ସେ କୋଳାହଳ ଏବଂ ଉପଦ୍ରବ କରୁ । ଯଦି ରୋଜାଦାର (ରୋଜା ରଖିଥିବା ବ୍ୟକ୍ତି) ସହିତ କୌଣସି ବ୍ୟକ୍ତି ଗାଳି ଗୁଲଚ କରେ ଅବା ତା' ସହିତ ଯଦି କୌଣସି ବ୍ୟକ୍ତି କଳି ଝଗଡ଼ା କରେ ତେବେ ସେପରିପ୍ରେକ୍ଷୀରେ ରୋଜାଦାର ବ୍ୟକ୍ତି ପ୍ରତିପକ୍ଷ ବ୍ୟକ୍ତିକୁ ଏହି ଉତ୍ତର ଦେଉ କି ହେ ବ୍ୟକ୍ତି ! ମୁଁ ତ' ରୋଜା ରଖିଛି (ମୁଁ ତୁମ ସହିତ କଳହ କରି ପାରିବି ନାହିଁ)। ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୁହମ୍ମଦ୍ ସ.ଅଙ୍କ ପ୍ରାଣ ରହିଛି! ରୋଜାଦାର (ରୋଜା ରଖୁଥିବା ବ୍ୟକ୍ତି)ର ତୁଣ୍ଡର ଗନ୍ଧ ଅଲ୍ଲାଃତାଲାଙ୍କ ନିକଟରେ କସ୍ତୁରୀ ମୃଗର କସ୍ତୁରୀ ଠାରୁ ମଧ୍ୟ ସର୍ବାଧିକ ସୁଗନ୍ଧିତ ଅଟେ । କାରଣ ସେହି ବ୍ୟକ୍ତି ନିଜର ଏତାଦୃଶାବସ୍ଥା ଅଲ୍ଲାଃତାଲାଙ୍କ ସକାଶେ କରିଛି। ରୋଜାଦାର ବ୍ୟକ୍ତି ନିମନ୍ତେ ଦୁଇଟି ଆନନ୍ଦ ନିୟତ ରହିଛି । 1- ଯେତେବେଳେ ରୋଜାଦାର ଇଫ୍‌ତାରୀ (ସାୟାହ୍ନ ଜଳ ପାନ ଏବଂ ଖଜୁରୀ ଇତ୍ୟାଦି ସେବନ କରେ) କରିଥାଏ । 2- ରୋଜା ଯୋଗୁଁ ରୋଜାଦାର ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କ ସାନ୍ନିଧ ଏବଂ ସାକ୍ଷାତ୍ର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । "

**ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍କୃଷ୍ଟ ମାସ, ଉକ୍ତ ମାସରେ ବହୁଳ ସଂଖ୍ୟାରେ ସତ୍ୟ ସ୍ୱପ୍ନ ଦେଖିବାକୁ ମିଳିଥାଏ ।**

ମଗରିବ୍ ନମାଜର କିଛି ସମୟ ପୂର୍ବରୁ ରମଜାନ ମାସର ଚନ୍ଦ୍ର ଦୃଶ୍ୟମାନ ହେଲା। ହୁଜୁର ସ.ଅ ମଗରିବ୍ ନମାଜ ପାଠ କରି ସାରି ମସଜିଦେ ସକଫ୍ ଠାରେ ଚନ୍ଦ୍ର ଦର୍ଶନ ନିମନ୍ତେ ଗମନ କଲେ ଏବଂ ଚନ୍ଦ୍ର ଦେଖିବା ପରେ ପୁନଃ ଆପଣ ସ.ଅ ମସଜିଦ୍ ଫେରି ଆସିଲେ । ହୁଜୁର ସ.ଅ କହିଲେ, ବିଗତ ରମ୍‌ଜାନ୍ ମାସ ଏପରି ପ୍ରତିତ ହେଉଛି ଯେପରିକି କାଲି ଶେଷ ହୋଇଥିଲା । شَهۡرُ رَمَضَانَ الَّذِیۡۤ اُنۡزِلَ فِیۡهِ الۡقُرۡاٰنُ ରୁ ରମ୍‌ଜାନ୍ ମାସର ମହତ୍ତ୍ୱ ସଂପର୍କରେ ଜ୍ଞାତ ହୁଏ । ସାଧୁ ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍କୃଷ୍ଟ ମାସ, ଉକ୍ତ ମାସରେ ବହୁଳ ସଂଖ୍ୟାରେ ସତ୍ୟ ସ୍ୱପ୍ନ ଦେଖିବାକୁ ମିଳିଥାଏ । ନମାଜ ଆତ୍ମାକୁ ଶୁଦ୍ଧ କରିଥାଏ ଏବଂ ରୋଜା (ଓଷା) ଆତ୍ମାକୁ **(ଅବଶିଷ୍ଟାଂଶ........ପୃ-2ରେ)**

## ପୃ-1ର ଅବଶିଷ୍ଟାଂଶ....

ଆଲୋକିତ କରିଥାଏ। ଆତ୍ମାକୁ ପବିତ୍ର କରିବାରୁ ଯଥାର୍ଥ କୁକର୍ମ କରିବା ପ୍ରତି ପ୍ରବର୍ତ୍ତାଉଥିବା ମନୁଷ୍ୟର ମନ ଯୌନ ପ୍ରବୃତ୍ତି ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଉ। ସେହିପରି ହୃଦୟର ଆଲୋକିତ ହେବାରୁ ଯଥାର୍ଥ ଏହିକି ଯେ, ସ୍ୱପ୍ନ (ପ୍ରଭୁଙ୍କ ତରଫରୁ ସତ୍ୟ ସ୍ୱପ୍ନ)ର ଦ୍ୱାର ରୋଜାଜଦାର ବ୍ୟକ୍ତି ନିମନ୍ତେ ଉନ୍ମୁକ୍ତ ହୋଇଥାଏ । କାରଣ ରୋଜାଦାର ଭକ୍ତ ଈଶ୍ୱରଙ୍କୁ ଦେଖିନେଉ । ଅତଏବ୍ أُنْزِلَ فِيْهِ الْقُرْآنُରେ ଏହା ହିଁ ଇଙ୍ଗିତ ରହିଛି । ଅତଏବ୍ ତହିଁରେ କୌଣସି ସଂଶୟ (ସନ୍ଦେହ) ନାହିଁ ଯେ, ରୋଜା ହେଉଛି ମହା ପ୍ରତିଫଳ। କିନ୍ତୁ ରୋଗବ୍ୟାଧି ଏବଂ ସ୍ୱାର୍ଥ ମନୁଷ୍ୟକୁ ରୋଜା ରଖିବାରୁ ବଞ୍ଚିତ କରିଦେଇ ଥାଆନ୍ତି ।

ମୋର ମନେଅଛି ଯେ, ଯୁବକ ଦିନମାନଙ୍କରେ ମୁଁ ଏକଦା ସ୍ୱପ୍ନରେ ଦେଖିଲି ଯେ, ରୋଜା ରଖିବା ସୁନ୍ନତେ ଏହଲେ ବୈଅତ୍ (ଆଁହଜରତ ସ.ଅଙ୍କ ପରିବାରର ପରମ୍ପରା ଅଟେ) । ସୁତରାଂ ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ ମୋ ସପକ୍ଷରେ କହିଲେ, سَلْمَانُ مِنَّا اَهْلَ الْبَيْتِ । ସଲ୍‌ମାନ୍ ଅର୍ଥାତ୍ اَلصُّلْحَانِ ଉକ୍ତ ବ୍ୟକ୍ତି ହସ୍ତ ଦ୍ୱାରା 2ଟି ସନ୍ଧି ହେବ । 1- ଆଭ୍ୟନ୍ତରୀଣ ସନ୍ଧି ଓ 2- ବାହ୍ୟ ସନ୍ଧି । ଉକ୍ତ ବ୍ୟକ୍ତି ନିଜର କାର୍ଯ୍ୟକୁ ଅତ୍ୟନ୍ତ ଧୈର୍ଯ୍ୟପୂର୍ବକ ଓ ବିନମ୍ରତାର ସହିତ ସମ୍ପାଦନ କରିବ। ଉକ୍ତ ବ୍ୟକ୍ତି ନିଜର କାର୍ଯ୍ୟକୁ ଖଡ଼୍‌ଗ ଦ୍ୱାରା ସମ୍ପାଦନ କରିବ ନାହିଁ । ମୁଁ ଯେତେବେଳେ ହୁସୈନ୍‌ଙ୍କ ଜଳ ସ୍ଥାନ ନିକଟରେ ନାହିଁ ଯିଏ ଯୁଦ୍ଧ କଲା । ବରଂ ମୁଁ ହୁସୈନ୍‌ଙ୍କ ଜଳ ସ୍ଥଳୀ (ଜଳକୁଣ୍ଡ) ଠାରେ ଅଛି ଯିଏ ଯୁଦ୍ଧ କଲା ନାହିଁ ତେବେ ମୁଁ ଏହା ମନେକଲି ଯେ, ଏହା ରୋଜା ଆଡ଼କୁ ଇଙ୍ଗିତ ଅଟେ (ଏଠାରେ ଜଳର ଯେଉଁ ସ୍ଥାନ ରହିଛି ତହିଁରୁ ଧର୍ମମତ ମଧ୍ୟ ଯଥାର୍ଥ ହୋଇପାରେ)। ଉକ୍ତ ଅବଧି ମଧ୍ୟରେ ମୁଁ ଦେଖିଲି ଯେ, ଆଲୋକର ଖମ୍ବଗୁଡ଼ିକ ଆକାଶମୁହାଁ ହୋଇ ଚାଲିଛନ୍ତି। ଉକ୍ତ ପ୍ରସଙ୍ଗଟି ସନ୍ଦେହାସ୍ପଦ ଯେ, ଆଲୋକର ଖମ୍ବଗୁଡ଼ିକ ଭୂପୃଷ୍ଠରୁ ଆକାଶ ଅଭିମୁଖେ ଯାଉଥିଲେ ନା ମୋ ହୃଦୟରୁ ଯାଉଥିଲେ । କିନ୍ତୁ ଏହି ସମସ୍ତ ପ୍ରସଙ୍ଗ ଯୁବାବସ୍ଥାରେ ହେବା ସମ୍ଭବପର ଥିଲା । ମୁଁ ଯଦି ଯୁବକାବସ୍ଥାରେ ଚାହିଁ ଥାଆନ୍ତି ତେବେ ମୁଁ 4 ବର୍ଷ ପର୍ଯ୍ୟନ୍ତ ରୋଜା ରଖିପାରି ଥାଆନ୍ତି ।

نشاط و خوانی تابہ سی سال...☆...چہل آمد فرو ریزد پر و بال

ବର୍ତ୍ତମାନ ଯେତେବେଳେ 40 ବର୍ଷ ଅତିକ୍ରାନ୍ତ ହୋଇଯାଇଛି ସେତେବେଳେ ମୁଁ ଏହା ଅବୋଲକନ କରେ ଯେ, ସେହି କଥା ଆଉ ନାହିଁ । ଅର୍ଥାତ୍ ପୂର୍ବ ଭଳିଆ ଶକ୍ତି ଏବଂ ଯୁବକ ଭଳି ଶକ୍ତି ଓ ସ୍ଫୂର୍ତ୍ତି ଆଉ ଶରୀର ମଧ୍ୟରେ ନାହିଁ । ଅନ୍ୟଥା ମୁଁ ଯେତେବେଳେ ଯୁବକ ଥିଲି ସେତେବେଳେ ମୁଁ ବଟାଲା (ରେଳ ଷ୍ଟେସନ ପର୍ଯ୍ୟନ୍ତ) ପାଦରେ ଚାଲି ଚାଲି ଯାଉଥିଲି । କୌଣସି ଆଳସ୍ୟତା ଏବଂ ଦୁର୍ବଳତା ମୋତେ ଅନୁଭୂତ ହେଉ ନଥିଲା । କିନ୍ତୁ ବର୍ତ୍ତମାନ ମୁଁ ଯଦି 5 ମାଇଲ୍ ବାଟ ବି ପାଦରେ ଚାଲି ଚାଲି ଯାଏ ତେବେ ମୋତେ ବହୁତ କଷ୍ଟ ଅନୁଭୂତ ହୋଇଥାଏ । 40 ବର୍ଷ ପରେ ଉତ୍ସାହ ଏବଂ ସ୍ଫୂର୍ତ୍ତିର ହ୍ରାସ ପାଇବା ଆରମ୍ଭ ହୋଇ ଯାଇଥାଏ । ରକ୍ତ ତିଆରି ହେବା କମି ଯାଇଥାଏ । ମନୁଷ୍ୟ ଉପରେ ଅନେକ ଦୁଃଖ, ବିପତ୍ତି ଓ ଦୁର୍ଘଟଣା ଆସିଥାଏ । ବର୍ତ୍ତମାନ ଅନେକ ଥର ଏହା ଦେଖିବାରେ ମିଳିଛି ଯେ, ଯଦି ଭୋକ ଉପଚାରରେ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଏ ଅର୍ଥାତ୍ ବିଳମ୍ବ ହୋଇଯାଏ ତେବେ ସ୍ୱାସ୍ଥ୍ୟ ବ୍ୟସ୍ତ ବିବ୍ରତ ହୋଇ ଉଠିଥାଏ । **(ମଲ୍‌ଫୁଜାତ୍, ଭାଗ-2, ପୃ-561, ସଂସ୍କରଣ ବର୍ଷ-2003 ମସିହା, କାଦିଆନ୍)** ☆--☆--☆

## ବିଗତ ସଂଖ୍ୟା-10 ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମା 17-1-2025ର ଅବଶିଷ୍ଟାଂଶ....

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ସରିୟାକୁ 6 ହିଜ୍ରୀର ସରିୟା ବୋଲି ବର୍ଣ୍ଣନା କରିଛନ୍ତି ଏବଂ ବିବରଣୀରେ ଏହା ଉଲ୍ଲେଖ ରହିଛି ଯେ, ଉକ୍ତ ସରିୟାର ଇତିହାସ ସଂକ୍ରାନ୍ତରେ ଇତିହାସବିତ୍‌ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । ଇବ୍‌ନେ ହିଶ୍ଶାମ୍ ଏବଂ ତବ୍ରୀ ଉକ୍ତ ସରୀୟା ଅର୍ଥାତ୍ ଯୁଦ୍ଧକୁ 4 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଇବ୍‌ନେ ସାଆଦ୍ ଉକ୍ତ ସରୀୟାକୁ 6ଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି ଅଲ୍ଲାମା (ବିଦ୍ୱାନ୍) କସ୍ତଲାନୀ ଏବଂ ଜର୍କାନୀ ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନାକୁ ଅଗ୍ରାଧିକାର ପ୍ରଦାନ କରିଛନ୍ତି । ଅତଏବ୍ ଆପଣ ଉଲ୍ଲେଖ କରନ୍ତି ଯେ, ମୁଁ ଏହାକୁ 6 ହିଜ୍ରୀ ବୋଲି ବର୍ଣ୍ଣନା କରିଛି । ୱଲ୍ଲାହୁ ଆଲମୁ (ପ୍ରଭୁ ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି)। ଇବ୍‌ନେ ସାଆଦ୍‌ଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନାର ଅର୍ଥର ସମର୍ଥନ ବହିକି ମଧ୍ୟ କରିଛନ୍ତି । କିନ୍ତୁ ତହିଁରେ ଘଟଣା ଘଟିଥିବା ଯୁଗ ସଂପର୍କରେ କୌଣସି ସୂଚନା ମିଳୁ ନାହିଁ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-743)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସରିୟାର ସବିଶେଷ ବିବରଣୀ ଏହିପରି ଯେ, ଅବୁ ସୁଫିୟାନ୍ କୁରୈଶ୍‌ର କେତେକ ବ୍ୟକ୍ତିଙ୍କୁ କହିଲେ, ଯେ, କ'ଣ ତୁମମାନଙ୍କ ମଧ୍ୟରେ ଏପରି କୌଣସି ବ୍ୟକ୍ତି ନାହିଁ ଯିଏ ମୁହମ୍ମଦ ସ.ଅଙ୍କୁ ନାଉଜୁବିଲ୍ଲାଃ (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ସହସା (ତୁରନ୍ତ) ହତ୍ୟା କରିଦେବ । ଅର୍ଥାତ୍ ମୁହମ୍ମଦ ସ.ଅ ଯେତେବେଳେ ବଜାରରେ ବିଚରଣ (ବୁଲୁଥିବେ) କରୁଥିବେ ସେତେବେଳେ ସେ ସହସା ଆଁହଜରତ ସ.ଅଙ୍କ ଉପରେ ଆକ୍ରମଣ କରି ଆଁହଜରତ ସ.ଅଙ୍କୁ ହତ୍ୟା କରିଦେବ । ସୁତରାଂ ଅବୁ ସୁଫିୟାନ୍ ନିକଟକୁ (ଘରକୁ) ଏକ ପୁରପଲ୍ଲୀ ନିପଟ ମଫସଲ ଆଦିବାସୀ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅବୁ ସୁଫିୟାନ୍ ! ତୁ ମୋତେ ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ବଳଶାଳୀ ଏବଂ ଶକ୍ତିଶାଳୀ ହୃଦୟର ପାଇବୁ। ମୁଁ ଯେତେବେଳ ସେମାନଙ୍କୁ ଧରିବି ସେତେବେଳେ ମୁଁ ଅତି ଭୟଙ୍କର ରୂପେ ସେମାନଙ୍କୁ ଧରିବି ଓ ମୁଁ ଦ୍ରୁତ ଗତିରେ ଦଉଡ଼ି ପାରେ । ଯଦି ତୁ ମୋତେ ସାହାଯ୍ୟ କରୁ ତେବେ ମୁଁ ତାଙ୍କ (ଆଁହଜରତ ସ.ଅଙ୍କ) ଆଡ଼କୁ ଯିବି ଏପର୍ଯ୍ୟନ୍ତକି ମୁଁ ସହସା ମୁହମ୍ମଦ ସ.ଅଙ୍କ ଉପରେ ଆକ୍ରମଣ କରିଦେବି ଓ ମୋ ନିକଟରେ ଏକ ଛୁରା ରହିଛି ଯାହାକି ଶାଗୁଣାର ପର ପରି (ଅତି ତୀକ୍ଷ୍ଣ) ଅଟେ। ଏହି ଛୁରା ସାହାଯ୍ୟରେ ମୁଁ ମୁହମ୍ମଦ୍ (ସ.ଅ) ଉପରେ ଆକ୍ରମଣ କରିଦେବି ଓ ପୁନଶ୍ଚ ମୁଁ କୌଣସି ଯାତ୍ରୀ ସମୂହ ସହିତ ଯାଇ ମିଶିଯିବ ଓ ପଳାଇ ଆସି ଏହି ଜାତି ଠାରୁ ଆଗକୁ ଅଗ୍ରସର ହୋଇଯିବି । କାରଣ ମାର୍ଗରେ ଦଉଡ଼ିବା ଏବଂ ମାର୍ଗ ଚିହ୍ନିବାରେ ମୁଁ ପାରଙ୍ଗମ ତଥ ଅଭିଜ୍ଞ ଅଟେ। ଅବୁ ସୁଫିୟାନ୍ କହିଲା, ତୁ ଆମର ସାଥି ଅଟୁ । ତେଣୁ ଅବୁ ସୁଫିୟାନ୍ ସେହି ହତ୍ୟାକାରୀକୁ ଓଟ ଏବଂ ପାଥେୟ ଇତ୍ୟାଦି ଦେଲା ଏବଂ କହିଲା, ହେ ବ୍ୟକ୍ତି ! ତୁ ନିଜର କାମକୁ ଗୁପ୍ତ ରଖିବୁ । ସେହି ହତ୍ୟାକାରୀ ଆଦିବାସୀ ବ୍ୟକ୍ତି ରାତ୍ର ସମୟରେ ବାହାରିଲା ଏବଂ ନିଜର ବାହନ ଉପରେ ଆରୋହଣ ହୋଇ 5 ଦିନ ପର୍ଯ୍ୟନ୍ତ ଚାଲୁଥିଲା ଏବଂ ଷଷ୍ଠ (6) ଦିନ ସକାଳେ ସେ ହର୍‌ରାହ୍ ଠାରେ ପହଞ୍ଚିଲା । ହର୍‌ରାହ୍ କଳା ପଥୁରିଆ ଭୂମିକୁ କୁହନ୍ତି ଏବଂ ମଦିନା 2ଟି ହର୍‌ରାହ୍ ମଧ୍ୟରେ ଥିଲା। ଅର୍ଥାତ୍ ପୂର୍ବ ହର୍‌ରାହ୍ ଓ ପଶ୍ଚିମ ହର୍‌ରାହ । ସେ ଯାହା ହେଉ ପୁନଶ୍ଚ ସେ ଲୋକମାନଙ୍କ ଆଡ଼କୁ ଧ୍ୟାନ ଦେଲା । ଅର୍ଥାତ୍ ଲୋକମୁହାଁ ହେଲା । ମଦିନା ପହଞ୍ଚିଗଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସଂପର୍କରେ ପଚାରିବାକୁ ଲାଗିଲା । ଏପର୍ଯ୍ୟନ୍ତକି ତା'କୁ ଆଁହଜରତ ସ.ଅଙ୍କ ସଂପର୍କରେ କୁହାଗଲା ସେତେବେଳେ ସେ ନିଜର ବାହନକୁ ବାନ୍ଧିଦେଲା । ପୁନଶ୍ଚ ସେ ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ଆସିଲା ଏବଂ ଆପଣ ସ.ଅ ବନୁ ଅବ୍‌ଦୁଲ୍ ଅଶ୍‌ହଲ୍‌ର ମସ୍‌ଜିଦ୍ ଠାରେ ଥିଲେ । ଆଁହଜରତ ସ.ଅ ଯେତେବେଳେ ଏହି ଆଦିବାସୀ ବ୍ୟକ୍ତିକୁ ଦେଖିଲେ ସେତେବେଳେ ଆପଣ ସ.ଅ କହିବାକୁ ଲାଗିଲେ, ନିଃସନ୍ଦେହ ଉକ୍ତ ବ୍ୟକ୍ତି ଜଣକ ଧୋକା ଦେବାର ଉଦ୍ଦେଶ୍ୟ ରହିଛି । ଆହଁଜରତ ସ.ଅ ତା'ର ହାବ ଭାବ ଏବଂ ତା' ଅବସ୍ଥାକୁ ଦେଖି ଜାଣିନେଲେ ଏବଂ ଅଲ୍ଲାଃତାଲା ତା'ର ଉଦ୍ଦେଶ୍ୟ ମଧ୍ୟରେ ବାଧକ ସାଜି ଛିଡ଼ା ହୋଇଛନ୍ତି । ସୁତରାଂ ସେ ରସୁଲୁଲ୍‌ଲାଃ ସ.ଅଙ୍କୁ ଧରି ଯେତେବେଳେ ଭିଡ଼ିବା (ଟାଣିବାକୁ)କୁ ଲାଗିଲା ସେତେବେଳେ ସହସା ତା' ହସ୍ତରୁ ଛୁରା ଖସି ପଡ଼ିଲା ଏବଂ ସେ ଚିତ୍କାର କରି ଡାକିବାକୁ ଲାଗିଲା ଯେ, ଆରେ ମୋ ରକ୍ତ ! ଆରେ ମୋ ରକ୍ତ ! ଅର୍ଥାତ୍ ମୋତେ ଛାଡ଼ିଦିଅ। ହ. ଉସୈଦ୍ ର.ଅ ତା' ବେକକୁ ଧରି ପକାଇଲେ ଏବଂ ତା'କୁ ଛାଡ଼ିଦେଲେ । ରସୁଲୁଲ୍ଲାଃ ସ.ଅ ତା'କୁ କହିଲେ, ହେ ବ୍ୟକ୍ତି ! ତୁମେ ମୋତେ ସବୁ ସତ ସତ କୁହ ଯେ, ତୁମେ କିଏ ? ସେ କହିଲା ମୁଁ ଶାନ୍ତି ଏବଂ ପ୍ରାଣଭିକ୍ଷା ଚାହୁଁଛି । ତେବେ ଆପଣ ସ.ଅ କହିଲେ, ଠିକ୍ ଅଛି ମୁଁ ତୋତେ ଛାଡ଼ିଦେଲି ଏବଂ ତୋର ପ୍ରାଣକୁ କ୍ଷମା କରିଦେଲି । ଉକ୍ତ ଦୟା ବତ୍ସଳତା ହେତୁ ସେହି ଆଦିବାସୀ ହତ୍ୟାକାରୀ ବ୍ୟକ୍ତି ମୁସଲମାନ ହୋଇଗଲା ଏବଂ କହିବାରୁ ଲାଗିଲା ଯେ, ହେ ମୁହମ୍ମଦ ସ.ଅ ! ମୁଁ ଲୋକମାନଙ୍କୁ ଭୟ କରୁ ନଥିଲି। କିନ୍ତୁ ଯେତେବେଳେ ମୁଁ ଆପଣ ସ.ଅଙ୍କୁ ଦେଖିଲି ସେତେବେଳେ ମୁଁ ବୁଦ୍ଧିଶୂନ୍ୟ ହୋଇ ପଡ଼ିଲି ଏବଂ ମୋର ହୃଦୟ ଦୁର୍ବଳ ହୋଇ ପଡ଼ିଲା । ପୁନଶ୍ଚ ଏତଦ୍‌ପରେ ମୁଁ ନିଜର ଉକ୍ତ ଉଦ୍ଦେଶ୍ୟ ସହିତ ଅବଗତ ଥିଲି ଯାହା ମୋର ସଂକଳ୍ପ ଥିଲା । ଏହି ସଂକଳ୍ପ ଏବଂ ଉଦ୍ଦେଶ୍ୟ ସଂପର୍କରେ ଅନେକ ଆରୋହୀମାନେ ଚେଷ୍ଟା କରି ସାରିଥିଲେ । କିନ୍ତୁ କେହି ବି ନିଜ ଉଦ୍ଦେଶ୍ୟରେ **(ଅବଶିଷ୍ଟାଂଶ.........ପୃ-10ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଦିନେ ଆଁହଜରତ ସ.ଅଙ୍କୁ ଅଲ୍ଲାଃତାଲା କହିଲେ, ଉକ୍ତ ସହର (ଖୈବର୍) ହ. ଅଲୀ ର.ଅଙ୍କ ହସ୍ତରେ ବିଜୟ ହେବ ବୋଲି ନିୟତିକୃତ ହୋଇଛି ।

— — — — — — — — — — — — — — — — — — —

ଆପଣ ସ.ଅ ସକାଳ ସମୟରେ ଏହି ଏହି ଘୋଷଣା କଲେ ଯେ, ମୁଁ ଇସସଲାମ୍ ଧର୍ମର କୃଷ୍ଣ (କଳ ରଙ୍ଗର) ଧ୍ୱଜା ଆଜି ତା'କୁ (ହ. ଅଲୀ ର.ଅଙ୍କ) ହାତରେ ଦେବି । କାରଣ ତା'କୁ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହ ଓ ମୁସଲମାନମାନେ ଭଲ ପାଆନ୍ତି ।

— — — — — — — — — — — — — — — — — — —

ଅଲ୍ଲାଃତାଲା ଉକ୍ତ ଦୁର୍ଗର ବିଜୟ ଏହି ଅଲୀଙ୍କ ହସ୍ତରେ ନିୟତିକୃତ କରିଛନ୍ତି । ଏତଦ୍‌ପରେ ଆପଣ ସ.ଅ ହ. ଅଲୀ ର.ଅଙ୍କୁ ଆର ଦିନ ଡକାଇଲେ ଏବଂ ଧ୍ୱଜା ହ. ଅଲୀ ର.ଅଙ୍କୁ ହସ୍ତାନ୍ତର କଲେ....... ।

— — — — — — — — — — — — — — — — — — —

ଇହୁଦୀମାନଙ୍କର ଦୁର୍ଗ ବନ୍ଦ୍ ଥିବା ସତ୍ତ୍ୱେ ଅଲ୍ଲାଃତାଲା ହ. ଅଲୀ ର.ଅ ଏବଂ ଅନ୍ୟ ସାହାବାମାନଙ୍କୁ ସେଦିନ ଏପରି ଶକ୍ତି ପ୍ରଦାନ କଲେ ଯେ, ସନ୍ଧ୍ୟା ପୂର୍ବରୁ ହିଁ ଦୁର୍ଗକୁ ଜୟ କରି ନିଆଗଲା । (ହ. ମୁସ୍‌ଲେହ୍ ମଉଦ୍ ର.ଅ)

— — — — — — — — — — — — — — — — — — —

ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଶତ୍ରୁମାନଙ୍କ ସହିତ ମୁହାଁମୁହିଁ ହେବା ନିମନ୍ତେ କାମନା କର ନାହିଁ । ଅଲ୍ଲାଃତାଲାଙ୍କ ଠାରୁ ଶାନ୍ତି ଭିକ୍ଷା କର । ତୁମମାନଙ୍କୁ ଜ୍ଞାତ ନାହିଁ ଯେ, ତୁମେମାନ କେଉଁ ବିପତ୍ତିରେ ପିଡ଼ୀତ ହେବ ? କିନ୍ତୁ ତୁମେମାନେ ଯେତେବେଳେ ଶତ୍ରୁ ସମ୍ମୁଖକୁ ଅର୍ଥାତ୍ ମୁହାଁମୁହିଁ ହୁଅ ସେତେବେଳେ ଏହି ଦୁଆ କର-اَللّٰهُمَّ أَنْتَ رَبُّنَا وَرَبُّهُمْ وَنَوَاصِيْنَا وَنَوَاصِيْهِمْ بِيَدِكَ وَاِنَّمَا تَقْتُلُهُمْ أَنْتَ۔

ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ହିଁ ଆମ୍ଭମାନଙ୍କର ପାଳନକର୍ତ୍ତା ଅଟ । ଆମମାନଙ୍କର କପାଳ (ଭାଗ୍ୟ) ଓ ସେମାନଙ୍କର କପାଳ (ଭାଗ୍ୟ) ତୁମ୍ଭରି ହାତରେ ରହିଛି । ତେଣୁ ତୁମ୍ଭେ ହିଁ ସେମାନଙ୍କୁ ଅବଶ୍ୟ ସଂହାର କରିବ । (ଖୈବର୍ ଯୁଦ୍ଧ ପୂର୍ବରୁ ଆଁହୁଜୁର ସ.ଅଙ୍କ ଉଦ୍‌ବୋଧନ)

— — — — — — — — — — — — — — — — — — — — — — — — —

ଖୈବର ଯୁଦ୍ଧର ପୃଷ୍ଠଭୂମି ସଂପର୍କରେ ଆଁହଜରତ ସଅଙ୍କ ଜୀବନୀ ଚର୍ଚ୍ଚା ।

ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ବିଶେଷ କରି ଦୁଆ କରନ୍ତୁ ଏବଂ ମୁସଲମାନମାନଙ୍କ ନିମନ୍ତେ ମଧ୍ୟ ସାମୂହିକ ଦୁଆ କରନ୍ତୁ ସଅଙ୍କ ଜୀବନୀ ଚର୍ଚ୍ଚା । ସେହିପରି ପାକିସ୍ତାନ ଏବଂ ବାଂଲାଦେଶରେ ବାସ କରୁଥିବା ଅହେମଦିମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରିବା ନିମନ୍ତେ ହୁଜୁର ଅନୱର୍ ଅ.ବଙ୍କ ଜମାଅତର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।

— — — — — — — — — — — — — — — — — — — — — — — — —

ଆରବବାସୀମାନେ ଏବେ ବି ନିଜର ଆଖି ଖୋଲନ୍ତୁ ଏବଂ ଏକତା ଅକ୍ଷୁର୍ଣ୍ଣ ଓ ଅବ୍ୟାହତ ରଖିବା ନିମନ୍ତେ ଉଦ୍ୟମ କରନ୍ତୁ । ଏକତା ବ୍ୟତୀରେକ ଅନ୍ୟ କୌଣସି ଉପାୟ ନାହିଁ । ଅନ୍ୟଥା କେବଳ ପାଲେଷ୍ଟାଇନ୍ ନୁହଁ ବରଂ ଆରବ ଦେଶମାନେ ମଧ୍ୟ ଅତ୍ୟନ୍ତ ଭୟାବହ ପରିସ୍ଥିତିର ସମ୍ମୁଖୀନ ହେବେ ।

— — — — — — — — — — — — — — — — — — — — — — — — —

**07 FEBRUARY 2025 ମସିହା ଅନୁଯାୟୀ ୦୭ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ ସ.ଅଙ୍କ କାଳରେ ହୋଇଥିବା ସରାୟା ଏବଂ ଯୁଦ୍ଧର ଚର୍ଚ୍ଚା ଜାରି ରହିଥିଲା। ସେହି କ୍ରମରେ ଖୈବର ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଆଁହଜରତ ସ.ଅଙ୍କ ଖୈବର୍ ଅଭିମୁଖେ ବାହାରିବାର ସବିଶେଷ ବିବରଣୀ ଏହିପରି ଯେ, ଆଁହଜରତ ସ.ଅଙ୍କ ନେତୃତ୍ୱରେ 1600 ଜଣ ପ୍ରାଣୋତ୍ସର୍ଗୀ ସୈନ୍ୟବାହିନୀ ମଦିନାରୁ ବାହାରିଲେ । ଉକ୍ତ ସୈନ୍ୟବାହିନୀରେ 200 ଜଣ ଅଶ୍ୱାରୋହୀମାନେ ଥିଲେ । କିନ୍ତୁ ବାହାରିବା ପୂର୍ବରୁ ଆଁହଜରତ ସ.ଅ ଜଣେ ଗୁଇନ୍ଦାମାନଙ୍କର ଏକ ଗୋଷ୍ଠୀକୁ ବାହାରିବା ପୂର୍ବରୁ ପ୍ରେରଣ କଲେ । ତହିଁରେ 200 ଜଣ ଅଶ୍ୱାରୋହୀମାନେ ରହିଥିଲେ । କିନ୍ତୁ ବାହାରିବା ପୂର୍ବରୁ ଆଁହଜରତ ସ.ଅ ଏକ ଖବର ପ୍ରଦାନକାରୀ ଗୁଇନ୍ଦା ଟୁକୁଡ଼ିକୁ ପ୍ରେରଣ କରିଥିଲେ । ଉକ୍ତ ଗୁଇନ୍ଦା ଗୋଷ୍ଠୀର ଏହି କାର୍ଯ୍ୟ ଥିଲା ଯେ, ସୈନ୍ୟବାହିନୀ ସମ୍ମୁଖରେ ମାର୍ଗର ଯତ୍ନ ନେବା ଏବଂ ପରିସ୍ଥିତିର ଅନୁଧ୍ୟାନ କରିବା ଇତ୍ୟାଦି । ଉକ୍ତ ଗୁଇନ୍ଦା ଗୋଷ୍ଠୀର ସେନା ମୁଖ୍ୟ ଅବ୍‌ବାଦ୍ ବିନ୍ ବିଶର୍ ଅନ୍‌ସାରୀ ର.ଅ ଥିଲେ । ଖୈବର ମାର୍ଗ ସଂପର୍କରେ ଅବଗତି ପ୍ରଦାନ କରିବା ନିମନ୍ତେ 2 ଜଣ ପଥଦର୍ଶକ ଅର୍ଥାତ୍ ଗାଇଡ୍ 20 ସାଅ (ପରିମାପକ) ଖଜୁରୀ କୋଳି ପାରିଶ୍ରମିକ ନେଇନେଲା । 20 ସାଅର ଅର୍ଥ 50 କି.ଗ୍ରା ଅଟେ । ସେହି 2 ଜଣ ଗାଇଡ୍ (ପଥପ୍ରଦର୍ଶକ)ମାନେ ହେଲେ ହସିଲ୍ ବିନ୍ ଖାର୍ଜା ଅଶ୍‌ଯଇ ଏବଂ ଅବ୍‌ଦୁଲ୍ଲାଃ ବିନ୍ ନୁଐମ୍ । ଏମାନଙ୍କ ସଂକ୍ରାନ୍ତରେ ଏହା କୁହାଯାଏ ଯେ, ଏମାନେ ଦୁହେଁ ଅଶ୍‌ଯାଅ ସଂପ୍ରଦାୟର ବ୍ୟକ୍ତି ଥିଲେ । ଏମାନେ ମଦିନାରୁ ଖୈବର୍ ଅଭିମୁଖେ ବାହାରିଲେ ଏବଂ ଖୈବର୍ ଅଭିମୁଖେ ବାହାରି ବିଭିନ୍ନ ସ୍ଥାନରେ ଶିବିର ପକାଇ ସହ୍‌ବା ନାମକ ସ୍ଥାନରେ ଅବସ୍ଥାନ କଲେ । ଏଠାରେ ଯେତେବେଳେ ନମାଜ ସମୟ ହୋଇଗଲା ସେତେବେଳେ ଏଠାରେ ନମାଜ ପାଠ କରାଗଲା । ସୁତରାଂ ବୁଖାରୀର ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସହ୍‌ବା ଠାରେ ଆପଣ ସ.ଅ ଅସର୍ ନମାଜ ପାଠ କରିଥିଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ଖାଇବା ନିମନ୍ତେ କିଛି ଆହାର ମଗେଇଲେ । ସୈନ୍ୟବାହିନୀ ନିକଟରେ କେବଳ ଛତୁଆ ରହିଥିଲା । ତେଣୁ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ସେହି ଛତୁଆ ହିଁ ସେବନ କଲେ (ଖାଇଲେ) । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ପୁନଶ୍ଚ ମଗରିବ୍ ନମାଜ୍ ନିମନ୍ତେ ଛିଡ଼ା ହୋଇଗଲେ ଏବଂ ଆପଣ ସ.ଅ କୁଳି କଲେ ଓ ଆମେମାନେ ମଧ୍ୟ କୁଳି କଲୁ । ପୁନଶ୍ଚ ଆପଣ ସ.ଅ ନମାଜ ପାଠ କଲେ ଏବଂ ସଦ୍ୟତମ ୱଜୁ ଆଉ ଆପଣ ସ.ଅ କଲେ ନାହିଁ । ସହ୍‌ବା ଏବଂ ଖୈବର୍ ମଧ୍ୟରେ 12 ମାଇଲ୍ ଦୂରତା ଥିଲା ।

ଯାତ୍ରା ସମୟରେ ଏପରି ଘଟଣାବଳୀ ମଧ୍ୟ ଘଟିଲା ଯେ, ତହିଁରୁ ଏହା ଜ୍ଞାତ ହୁଏ ଯେ, ଏଭଳି ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ନବୀ କରୀମ୍ ସ.ଅ ସାହାବାମାନଙ୍କର ସଂସ୍କାର ପ୍ରତି କେତେ ଚିନ୍ତିତ ଓ ଯତ୍ନବାନ୍ ଥିଲେ । ସେହିପରି ଆପଣ ସ.ଅ ସାହାବାମାନଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା, ଆଜ୍ଞାନୁବର୍ତ୍ତୀତା ଭଳି ସଦ୍‌ଗୁଣ ସୃଷ୍ଟି କରିବା ପ୍ରତି ଧ୍ୟାନ ଆକର୍ଷଣ କରୁଥିଲେ ।

ସେହିପରି ଆଉ ଏକ ଘଟଣା ବର୍ଣ୍ଣିତ ହୋଇଛି ଯେ, ଏକଦା ରାତ୍ର ସମୟରେ ସୈନ୍ୟବାହିନୀର ଆଗେ ଆଗେ କୌଣସି ଜାଜ୍ୱଲ୍ୟମାନ ବା ପ୍ରକାଶବାନ୍ ବସ୍ତୁ ଚାଲୁଥିବା ଦୃଶ୍ୟମାନ ହେଲା । ରସୁଲୁଲ୍ଲାଃ ସ.ଅ ଚିନ୍ତିତ ହେଲେ ଏବଂ ଜାଣିବାକୁ ଯେତେବେଳେ ଆପଣ ସ.ଅ ଇଚ୍ଛା ପ୍ରକାଶ କଲେ ସେତେବେଳେ ଏହା ଜ୍ଞାତ ହେଲା ଯେ, ଇସ୍‌ଲାମୀୟ ସୈନ୍ୟବାହିନୀର ଏକ ସିପାହୀ ଥିଲା ଯିଏ ସୈନ୍ୟବାହିନୀକୁ ଛାଡ଼ି ସବା ଆଗରେ ଚାଲି ଯାଉଥିଲା ଏବଂ ତା'ର ମୁଣ୍ଡରେ ଥିବା ରୂପାର ମୁକୁଟ (ଉପରେ ଚନ୍ଦ୍ର କିରଣ ପଡୁଥିଲା ସେହି ଚନ୍ଦ୍ର କିରଣ ଯୋଗୁଁ) ରୂପା ମୁକଟଟି ଚକ୍ ଚକ୍ କରୁଥିଲା। ସେହି ବ୍ୟକ୍ତି ଯିଏ ମୁକୁଟ ପରିଧାନ କରିଥିଲା ସେ ଅବୁ ଅବସ୍ ର.ଅ ଥିଲେ । ଆପଣ ସ.ଅ କହିଲେ, ଅବୁ ଅବସକୁ ମୋ ନିକଟକୁ ଆସ । ହ. ଅବୁ ଅବସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅଙ୍କ ଡକାଇବା ହେତୁ ମୁଁ ଭୟଭୀତ ହେଲି ଯେ, ମୁଁ କିଛି ଦୋଷ କରି ନାହିଁ ତ' ତେଣୁ ବୋଧେ ମୋ ସଂପର୍କରେ କିଛି କୁରଆନୀୟ ଆୟତ୍ ଅବତୀର୍ଣ୍ଣ ହୋଇଯାଇଥିବ ? ହ. ଅବୁ ଅବସ୍ ଡରି ଡ଼ରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ.ଅ ହ. ଅବୁ ଅବସ୍ ର.ଅଙ୍କୁ ପଚାରିଲେ, ହେ ଅବୁ ଅବସ୍ ! ତୁମେ ସୈନ୍ୟବାହିନୀକୁ ଛାଡ଼ି କାହିଁକି ଆଗକୁ ପଳାଇ ଯାଉଥିଲ? ସେ

ଯାହା ହେଉ ହ. ଅବୁ ଅବସ୍ ର.ଅ ଏହି କ୍ଷମା ପ୍ରାର୍ଥନା ଉପସ୍ଥାପିତ କଲେ । ଆପଣ ସ.ଅ ଉପଦେଶ ଦେଇ କହିଲେ, ହେ ଅବୁ ଅବସ୍ ତୁମ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ତୁମେ ସୈନ୍ୟବାହିନୀ ସହିତ ଚାଲ । ତେଣୁ ତୁମେ ସୈନ୍ୟବାହିନୀ ସାଙ୍ଗରେ ଚାଲିବା ଉଚିତ୍ । ଏତଦ୍‌ପରେ ହୁଜୁର୍ ସ.ଅ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ । ହ. ଅବୁ ଅବସ୍‌ର ର.ଅ ସେହି ଦୁର୍ଲଭ ସାହାବିମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଥିଲେ ଯାହାଙ୍କ ନିକଟରେ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ କୌଣସି ସାଧନ ନଥିଲା । ତେଣୁ ସେ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯୁଦ୍ଧରେ ଯିବା ନିମନ୍ତେ ମୋ ନିକଟରେ କୌଣସି ପାଥେୟ ନାହିଁ ଓ ନା ହିଁ ମୋ ନିକଟରେ ଘରେ କିଛି ଖାଇବା ପିଇବାର ସାମଗ୍ରୀ ରହିଛି । ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ ନିଜର ଏକ ଚଦର ତାଙ୍କୁ ପ୍ରଦାନ କଲେ । ଏହି ଚତୁର ସାହାବି ଜଣକ ଉକ୍ତ ଚଦରକୁ ନେଇ ବଜାରକୁ ଗଲେ ଏବଂ ବଜାରରେ ଯାଇ କହିଲେ, ଉକ୍ତ ଚଦରଟି ମୋତେ ଆଁହଜରତ ସ.ଅ ପ୍ରଦାନ କରିଛନ୍ତି । ମୁଁ ଏହାକୁ ଅମକ ଦିରହମ୍ (ଆରବ୍ୟ ମୁଦ୍ରା) ମୂଲ୍ୟରେ ବିକ୍ରି କରିବାକୁ ଚାହୁଁଛି । ସୁତରାଂ ହ. ଅବୁ ଅବସ୍ ର.ଅ ଉକ୍ତ ଚଦରକୁ 8 ଦିରହମ୍‌ରେ ବିକ୍ରି କରିଦେଲେ । ଅତଏବ୍ ହ. ଅବୁ ଅବସ୍ ର.ଅ 2 ଦିର୍‌ହମ୍‌ରୁ ନିଜ ଘର ପରିବାର ପାଇଁ ଖାଇବା ପିଇବା ପଦାର୍ଥ କିଣିଲେ ଏବଂ 2 ଦିର୍‌ହମ୍‌ରୁ ଯୁଦ୍ଧକୁ ଯିବା ନିମନ୍ତେ ପାଥେୟ କିଣିଲେ ଓ ଆଉ ବଳକା 4 ଦିର୍‌ହମ୍ ନିଜ ପାଇଁ ଏକ ଚଦର କ୍ରୟ କଲେ । ଏତଦ୍‌ପରେ ଆପଣ ର.ଅ ସୈନ୍ୟବାହିନୀରେ ସାମିଲ୍ ହୋଇଗଲେ । କଥୋପକଥନ ସମୟରେ ହୁଜୁର ର.ଅ ହ. ଅବୁ ଅବସ୍ ର.ଅଙ୍କୁ ପଚାରିଲେ ଯେ, ହେ ଅବୁ ଅବସ୍ ! ମୁଁ ତୁମକୁ ଯେଉଁ ଚଦର୍ ଦେଇଥିଲି ସେହି ଚଦର୍ କୁଆଡ଼େ ଗଲା ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଯେଉଁ ଚଦର ଦେଇଥିଲେ ମୁଁ ସେହି ଚଦରକୁ କାଲି ବିକ୍ରି କରିଦେଇଛି। ଏତଦ୍‌ପରେ ହ. ଅବୁ ଅବସ୍ ର.ଅ ଆଁହଜରତ ସ.ଅଙ୍କୁ ସମସ୍ ବୃତ୍ତାନ୍ତ ଶୁଣାଇଲେ। ହ. ଅବୁ ଅବସ୍ ର.ଅଙ୍କ ଉକ୍ତ କଥା ଶୁଣି ରସୁଲୁଲ୍ଲାଃ ସ.ଅ ସ୍ମିତ ହାସ୍ୟ ପ୍ରକାଶ କଲେ ଏବଂ କହିଲେ: "ହେ ଅବୁ ଅବସ୍ ! ତୁମେମାନେ ବର୍ତ୍ତମାନ ଅତ୍ୟନ୍ତ ଦରିଦ୍ର ଅଟ । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି । ହେ ଅବୁ ଅବସ୍ ! ତୁମେ ଯଦି ଜୀବିତ ରହିଲ ଏବଂ ତୁମେ ଯଦି ଦୀର୍ଘାୟୁ ହେଲ ତେବେ ତୁମେ ଉକ୍ତ ଅବଧି ମଧ୍ୟରେ ଏହା ଦେଖିବ ଯେ, ତୁମର ପାଥେୟରେ ମଧ୍ୟ ଅଭିବୃଦ୍ଧି ଘଟିବ । ତୁମର ପରିବାର ପାଇଁ ମଧ୍ୟ ଖୋରାକ ପୋଷାକରେ ମଧ୍ୟ ଅଭିବୃଦ୍ଧି ଘଟିବ। ତୁମ ଘରେ ଦିରହମ୍ ଓ ଦିନାର ପ୍ରାଚୁର୍ଯ୍ୟତା ହୋଇଯିବ ଏବଂ ଦାସମାନଙ୍କ ସଂଖ୍ୟା ମଧ୍ୟ ତୁମ ଘରେ ବୃଦ୍ଧି ପାଇବ । କିନ୍ତୁ ଏହି ସମସ୍ତ ପାଥେୟ ତୁମ ନିମନ୍ତେ ହିତକର ବା ଉପକାରୀ ସାବ୍ୟସ୍ତ ହେବ ନାହିଁ ।"

ହ. ଅବୁ ଅବସ୍ ର.ଅ ନବୀ କରୀମ୍ ସ.ଅଙ୍କ ଉପରୋକ୍ତ ଭବିଷ୍ୟବାଣୀକୁ ସ୍ୱଚକ୍ଷୁରେ ପୂର୍ଣ୍ଣ ଏବଂ ସାକାର ହେଉଥିବାର ଅବଲୋକନ କଲେ । ସେ ଅର୍ଥାତ୍ ହ. ଅବୁ ଅବସ୍ ର.ଅ କହୁଥିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆଁହଜରତ ସ.ଅ ଯେପରି କହିଥିଲେ ଠିକ୍ ସେହିପରି ହିଁ ଘଟିଲା । ହ. ଅବୁ ଅବସ୍ ର.ଅଙ୍କ ପରିଚୟ ଏହିପରି ଯେ, ତାଙ୍କର ପ୍ରକୃତ ନାମ ଅବ୍‌ଦୁଲ୍ ଉଜ୍ଜା ଥିଲା । ଉକ୍ତ ନାମକୁ ପରିବର୍ତ୍ତନ କରି ଆଁହଜରତ ସ.ଅଙ୍କ ହ. ଅବୁ ଅବସ୍ ର.ଅଙ୍କ ନାମ ଅବ୍‌ଦୁର୍ ରହ୍‌ମାନ ରଖି ଦେଇଥିଲେ । ହ. ଅବୁ ଅବସ୍ ର.ଅ 70 ବର୍ଷ ଆୟୁ ପ୍ରାପ୍ତ କରିଥିଲେ । ହ. ଉସ୍‌ମାନ୍ ର.ଅ ତାଙ୍କର ନମାଜ ଯନାଜା ପାଠ କରାଇଥିଲେ ଏବଂ ଜନ୍ନତୁଲ୍ ବକି ଠାରେ ତାଙ୍କୁ କବର ଦିଆଯାଇଥିଲା । ଆଁହଜରତ ସ.ଅ ବନୁ ଗତଫାନ ଅଭିମୁଖେ ସନ୍ଧି ସ୍ଥାପନର ବାର୍ତ୍ତା ଦେଇ ହ. ଅବୁ ଅବସ ର.ଅଙ୍କୁ ପ୍ରେରଣ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ବର୍ତ୍ତମାନ ବର୍ଣ୍ଣନା କରି ସାରିଛି ଯେ, ଆଁହଜରତ ସ.ଅ ଖୈବର୍ ଆଡ଼କୁ ଅଗ୍ରସର ହୋଇ ସହ୍‌ବା ନାମକ ସ୍ଥାନରେ ଆପଣ ସ.ଅ ଶିବିର ପକାଇଥିଲେ । ଏବଂ ଆପଣ ସ.ଅ ସେହିଠାରେ ହିଁ ନମାଜେ ଅସର, ନମାଜେ ମଗ୍ରିବ୍ ଓ ନମାଜେ ଇଶା ପାଠ କରିଥିଲେ । ଉକ୍ତ ସ୍ଥାନ ଅର୍ଥାତ୍ ସହ୍‌ବା ଖୈବର୍ ଠାରୁ 12 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ନମାଜ ପାଠ କରି ସାରିବା ପରେ ଆପଣ ସ.ଅ ଉଭୟ ପଥପ୍ରଦର୍ଶକଙ୍କୁ ଡକାଇଲେ ଏବଂ ନିଜର ଯୁଦ୍ଧ ଯୋଜନା ସଂପର୍କରେ ସେମାନଙ୍କୁ ଅବଗତ କରାଇ କହିଲେ, ମୁଁ ଖୈବର୍ ଉପରେ ଏପରି ଆକ୍ରମଣ କରିବାକୁ ଚାହୁଁଛି ଯେପରିକି ଏକ ପାର୍ଶ୍ୱରେ ମୁଁ ଖୈବର୍ ପାର୍ଶ୍ୱରେ ଛିଡ଼ା ହୋଇଯିବି ଓ ଅନ୍ୟ ପାର୍ଶ୍ୱରେ ମୁଁ ସିରୀୟା ଦେଶରେ ଛିଡ଼ା ହୋଇଯିବି । କାରଣ ସେମାନେ ସେଠାରୁ ପଳାଇ ସିରୀୟା ଆଡ଼କୁ ବାହାରି ନଯାଆନ୍ତୁ । ତତ୍‌ସହିତ ବନୁ ତର୍‌ଫାନ ସଂପ୍ରଦାୟର ମଧ୍ୟ ଭାଗରେ ମଧ୍ୟ ମୁଁ ଦୃଶ୍ୟମାନ ହୋଇଯିବି । କାରଣ ଏମାନଙ୍କ (ଖୈବର୍‌ବାସୀଙ୍କ) ପର୍ଯ୍ୟନ୍ତ ଇହୁଦୀମାନଙ୍କର ସାହାଯ୍ୟ ପହଞ୍ଚି ନଯାଉ। ହସିଲ୍ ନାମକ ପଥପ୍ରଦର୍ଶକକୁ ନେଇ ମୁଁ ଚାଲିବା ଆରମ୍ଭ କଲି ଏବଂ ଏପରି ଏକ ସ୍ଥାନରେ ଯାଇ ପହଞ୍ଚିଗଲି ଯେଉଁଠି ବିଭିନ୍ନ ମାର୍ଗରେ ଖୈବର୍‌ର ସେହି ଉପତ୍ୟକା ପର୍ଯ୍ୟନ୍ତ ଯାଉଥିଲା । ହୁଜୁର ସ.ଅ ହସିଲକୁ ସେହି ସମସ୍ତ ମାର୍ଗ ସଂପର୍କରେ ଯେତେବେଳେ ପଚାରିଲେ ସେତେବେଳେ ହସିଲ୍ ହଜନ୍, ଶାଶ୍ ଓ ହାତିବ୍ ଇତ୍ୟାଦି ନାମ ସଂପର୍କରେ କହିଲା । ଅର୍ଥ ଉକ୍ତ ମାର୍ଗଗୁଡ଼ିକ ଦୃଷ୍ଟିରୁ ଅଭାବ, କଠୋରତା, ଦୁଃଖ ଏବଂ ଦୁରାବସ୍ଥା ଉପରେ ପ୍ରତିପାଦିତ କରୁଥିଲା ।

ସେହିପରି ହସିଲ୍ ଆଉ ଏକ ମାର୍ଗର ନାମ ସଂପର୍କରେ କହିଲା, ଉକ୍ତ ମାର୍ଗର ନାମ ମର୍‌ହବ୍ ଥିଲା । ଉକ୍ତ ମାର୍ଗର ଅର୍ଥ ହେଲା ପ୍ରାଚୁର୍ଯ୍ୟତା ଏବଂ ବ୍ୟାପକତା । ସୁତରାଂ ଆଁହଜରତ ସ.ଅ ଐଶ୍ୱରିକ ମାର୍ଗଦର୍ଶନ କ୍ରମେ ଶୁଭ ଫଳ ବାହାର କଲେ ଏବଂ ଆପଣ ସ.ଅ ସେହି ମର୍‌ହବ୍ ନାମକ ମାର୍ଗକୁ ଚୟନ (ବାଛିଲେ) କଲେ ।

ଆଁହଜରତ ସ.ଅଙ୍କୁ ଉକ୍ତ ସୂଚନା ମିଳି ସାରିଥିଲା ଯେ, ବନୁ ଗତ୍‌ଫାନ୍ ସଂପ୍ରଦାୟ ଖୈବର୍‌ବାସୀଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରତିଶୃତି ଦେଇଛନ୍ତି । ବର୍ତ୍ତମାନ ସେମାନେ ଅତିରିକ୍ତ 4000 ସୈନ୍ୟବାହିନୀ ଧରି ଏହି ଉଦ୍ଦେଶ୍ୟ ନେଇ ବାହାରି ପଡ଼ିଛନ୍ତି ଯେ, ଇସ୍‌ଲାମୀୟ ସୈନ୍ୟବାହିନୀ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ହିଁ ସେମାନେ ଇସ୍‌ଲାମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେବେ । ବନୁ ଗତ୍‌ଫାନ୍ ସଂପ୍ରଦାୟ ନିଜର ପ୍ରଖ୍ୟାତ ତଥା ଜଣାଶୁଣା ଯୋଦ୍ଧା ଅଧିପତି ତୁଲୈହା ବିନ୍ ଖୁୱୈଲଦ୍ ଏବଂ ଉୟୈନା ବିନ୍ ହିସନ୍‌ର ନେତୃତ୍ୱରେ ସ୍ୱଳ୍ପାଧିକ ଅର୍ଥାତ୍ ଅନ୍ୟୁନ 1000 ସୈନ୍ୟବାହିନୀ ପ୍ରଥମେ ଖୈବର୍ ଅଭିମୁଖେ ପ୍ରେରଣ କରିଦେଇ ଥିଲେ ଏବଂ ଖୈବର୍‌ର ଦୁର୍ଗ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ବର୍ତ୍ତମାନ ଏହି ଚାରି ହଜାର ସୈନ୍ୟବାହିନୀ ଇସ୍‌ଲାମୀୟ ସୈନ୍ୟବାହିନୀକୁ ରୋକିବା ନିମନ୍ତେ ଓ ନିଜର ଜାଣତରେ ଇସ୍‌ଲାମୀୟ ସୈନ୍ୟବାହିନୀର ମୂଳୋତ୍ପାଟନ ନିମନ୍ତେ ମାର୍ଗରେ ଥିଲା। ଆଁହଜରତ ସ.ଅ ବନୁ ଗତଫାନ୍ ସଂପ୍ରଦାୟ ସହିତ ଯୋଗାଯୋଗ କଲେ ଏବଂ ସେମାନଙ୍କୁ ନିଜର ପତ୍ର ପ୍ରେରଣ କଲେ । ସେହି ପତ୍ରରେ ଏହା ଉଲ୍ଲେଖ ଥିଲା ଯେ, ସେ ଅର୍ଥାତ୍ ବନୁ ଗତ୍‌ଫାନ ସଂପ୍ରାଦାୟ ଖୈବର୍‌ବାସୀଙ୍କ ସହିତ ହେବାକୁ ଥିବା ଯୁଦ୍ଧରୁ ନିରପେକ୍ଷ ଅଟନ୍ତି ଏବଂ ଏହା ଅଲ୍ଲାଃତାଲାଙ୍କର ମୋ ସହିତ ପ୍ରତିଶୃତି ରହିଛି। ଆଁହଜରତ ସ.ଅ ଗତ୍‌ଫାନ ସଂପ୍ରଦାୟବାସୀଙ୍କୁ କହିଲେ, ହେ ଗତ୍‌ଫାନ୍ ସଂପ୍ରଦାୟ! ଅଲ୍ଲାଃତାଲା ମୋତେ ଖୈବର୍ ଉପରେ ବିଜୟ ପ୍ରଦାନ କରିବେ ।

କେତେକ ଇତିହାସବିତ୍‌ମାନଙ୍କ ମତାନୁଯାୟୀ ଆଁହଜରତ ସ.ଅ ଏହି ସନ୍ଦେଶ ମଧ୍ୟ ଦେଇଥିଲେ ଯେ, ସେମାନେ ଇହୁଦୀମାନଙ୍କୁ ସମର୍ଥନ ଜଣାଇବାରୁ ହଟି ଯାଆନ୍ତୁ ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନିଅନ୍ତୁ । ତାହାହେଲେ ଯାଇ ଖୈବର୍‌କୁ ଜୟ କରିନେବା ପରେ ସେହି ସଂପ୍ରଦାୟଗୁଡ଼ିକୁ ଦେଇ ଦିଆଯିବ । ଆଉ କେତେକ ଇତିହାସବିତ୍‌ଙ୍କ ମତରେ ଆଁହଜରତ ସ.ଅ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ସର୍ତ୍ତ ରଖି ନଥିଲେ । ବରଂ ଆଁହଜରତ ସ.ଅ ଏହା କହିଥିଲେ ଯେ, ସେମାନେ ଖୈବର୍‌ବାସୀଙ୍କୁ ସାହାଯ୍ୟ ନକରନ୍ତୁ । କେବଳ ନିରପେକ୍ଷ ହୋଇ ସେମାନେ ଯଦି ହଟି ଯାଆନ୍ତି ତେବେ ଖୈବର୍ ଭୂମିରୁ ଉତ୍ପନ୍ନ କୃଷି ଜାତ ଦ୍ରବ୍ୟର ଅର୍ଦ୍ଧାଂଶ ସେମାନଙ୍କୁ ପ୍ରଦାନ କରି ଦିଆଯିବ । କିନ୍ତୁ 1600 ମୁସଲମାନମାନଙ୍କ ବିରୁଦ୍ଧରେ 15000 ଯୋଦ୍ଧା ସୈନ୍ୟବାହିନୀ ଏବଂ ମଜଭୂତ ଦୁର୍ଗର ଅହଂକାର ସେମାନଙ୍କ ମୁଣ୍ଡରେ ବସା ବାନ୍ଧିଥିଲା । ଯଦ୍ଦ୍ୱାରାକି ସେମାନେ ଆଁହଜରତ ସ.ଅଙ୍କ ଏହି ଉପସ୍ଥାପନାକୁ ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ । ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ ଖଜରଜ୍ ସଂପ୍ରଦାୟର ଅଧିପତି ଏବଂ ନୈଷ୍ଠିକ ସାହାବି ହ. ସାଆଦ୍ ବିନ୍ ଉବାଦା ର.ଅଙ୍କୁ ଗତ୍‌ଫାନର ସେନପାତି ଉୱୈନା ବିନ୍ ହିସନ୍ ଆଡ଼କୁ ପ୍ରେରଣ କଲେ। ଉୱୈନା ବିନ୍ ହିସନ୍ ସେତେବେଳେ ବନୁ ଗତ୍‌ଫାନ୍ ସଂପ୍ରଦାୟର ସେହି 1000 ସୈନ୍ୟବାହିନୀର ନେତୃତ୍ୱ ନେଇ ସେତେବେଳେ ଖୈବର୍ ଠାରେ ଇହୁଦୀମାନଙ୍କର ଅଧିପତି ମର୍‌ହବ୍‌ର ଦୁର୍ଗ ମଧ୍ୟରେ ଥିଲା । ଉୱୈନାକୁ ଯେତେବେଳେ ଜ୍ଞାତ ହେଲା ଯେ, ହ. ସାଆଦ୍ ର.ଅ ନବୀ କରୀମ୍ ସ.ଅଙ୍କ ପ୍ରତିନିଧି ହିସାବରେ ଆସିଛନ୍ତି ସେତେବେଳେ ସେ (ଉୱୌନା) ତାଙ୍କୁ (ହ. ସାଆଦ୍ ର.ଅଙ୍କୁ) ଦୁର୍ଗ ମଧ୍ୟକୁ ପାଛୋଟି ନେବା ଉଦ୍ଦେଶ୍ୟରେ ଯିବାକୁ ଲାଗିଲା ସେତେବେଳେ ମର୍‌ହବ୍ ଆପତ୍ତି କଲା ଯେ, ହେ ଉୱୈନା ! ମୁସଲମାନମାନଙ୍କର ପ୍ରତିନିଧିକୁ ଦୁର୍ଗ ମଧ୍ୟକୁ ଆଣିବା ଉଚିତ୍ ନୁହଁ। କାରଣ ମୁସଲମାନମାନେ ଦୁର୍ଗ ମଧ୍ୟସ୍ଥ ଆଗମନ ପଥ ଆଦିକୁ ନ ଦେଖି ନିଅନ୍ତୁ । କିନ୍ତୁ ଉୱୈନାର କହିବା କଥା ଏହା ଥିଲା ଯେ, ମୁଁ ଚାହୁଁଛି ଯେ, ମୁସଲମାନମମାନଙ୍କ ପ୍ରତିନିଧିମାନଙ୍କୁ ମୁଁ ଭିତରକୁ ଆଣିବି । କାରଣ ସେମାନେ ଆମମାନଙ୍କର ସୈନ୍ୟ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଶକ୍ତି, ଯୁଦ୍ଧ ପ୍ରସ୍ତୁତି, ସର୍ବୋତ୍କୃଷ୍ଟ ଧ୍ୱଜାସ୍ତ୍ର ଆଦିକୁ ଦେଖି ନିଅନ୍ତୁ । କିନ୍ତୁ ମରହବ୍ ଜମା ମାନିଲା ନାହିଁ । ଫଳତଃ ଉୟୈନା ହ. ସାଆଦ୍ ର.ଅଙ୍କୁ ଦୁର୍ଗ ବାହାରେ ଭେଟିଲା । ହ. ସାଆଦ୍ ର.ଅ ଉୟୈନାକୁ ନବୀ କରୀମ୍ ସ.ଅଙ୍କ ସନ୍ଦେଶ ଦେଲା ଯେ, ଅଲ୍ଲାଃତାଲା ଆମମାନଙ୍କୁ ଖୈବର ବିଜୟ ହେବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ତେଣୁ ତୁମେ ଏଠାରୁ ଫେରିଯାଅ ଓ ଯୁଦ୍ଧରୁ ନିବୃତ୍ତ ହୋଇଯାଅ । ଖୈବର୍ ବିଜୟ କରିବା ପରେ ଖୈବରର ବାର୍ଷିକ ଖଜୁରୀ କୋଳି ମଧ୍ୟ ତୁମମାନଙ୍କୁ ଦେଇ ଦିଆଯିବ । ପ୍ରତ୍ୟୁତ୍ତରରେ ଉୟୈନା ହ. ସାଆଦ୍ ର.ଅଙ୍କୁ କହିଲା, ଆମେମାନେ ନିଜର ମିତ୍ରମାନଙ୍କୁ କୌଣସି ମତେ ଛାଡ଼ି ପାରିବୁ ନାହିଁ ଏବଂ ଆମେମାନେ ଏକଥା ମଧ୍ୟ ଭଲ ଭାବରେ ଜାଣୁ ଯେ, ତୁମମାନଙ୍କର ଶକ୍ତି କେତେ ଅଛି ? ଏହି ଇହୁଦୀମାନେ ମଜଭୁତ ଦୁର୍ଗବାସୀ ଅଟନ୍ତି। ଏମାନଙ୍କର ସୈନ୍ୟ ଯବାନମାନଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି ଓ ଏମାନଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟ ତୁମ ଅପେକ୍ଷା ଯଥେଷ୍ଟ ଅଧିକ ରହିଛି । ତୁମେମାନେ ଯଦି ଏମାନଙ୍କ ସହିତ ମକୁବାଲି କଲେ ତେବେ ତୁମେମାନେ ସମସ୍ତେ ନିହତ ହୋଇଯିବ । ଏମାନେ କୁରୈଶ୍‌ମାନଙ୍କ ପରି ନୁହନ୍ତି ଯେ, ତୁମେମାନେ ଏମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେବ । ତତ୍‌ସହିତ ଉୟୈନା ଏହା ମଧ୍ୟ କହିଲା ଯେ, ମୋର ଏହି ସନ୍ଦେଶ ତୁମେ ମୁହମ୍ମ ସ.ଅଙ୍କୁ ଦେଇ ଦେବ । ହ. ସାଆଦ୍ ର.ଅ ଉୟୈନାର ଏହି ଅହଂକାରପୂର୍ଣ୍ଣ ଉତ୍ତରର ପ୍ରତ୍ୟୁତ୍ତରରେ କହିଲେ, ହେ ଉୟୈନା ! ମୁଁ ସାକ୍ଷ୍ୟ ପ୍ରଦାନ କରୁଛି ଯେ, ମୁହମ୍ମଦ ସ.ଅ ଅବଶ୍ୟ ତୋ ପାଖକୁ ଉକ୍ତ ଦୁର୍ଗ ମଧ୍ୟକୁ ଆସିବେ ଏବଂ ବର୍ତ୍ତମାନ ତୁମେ ଯେଉଁ ଉପସ୍ଥାପନା ମୁଁ ତୁମ ଆଗରେ କରିଛି ସେତେବେଳେ ତୁମେ ଆମଠାରୁ ଉକ୍ତ ପ୍ରସଙ୍ଗର ଦାବି କରିବ । କିନ୍ତୁ ସେତେବେଳେ ତୋତେ ଖଡ଼୍‌ଗ ବ୍ୟତୀତ ଆଉ କିଛି ବି ମିଳିବ ନାହିଁ । ଅର୍ଥାତ୍ ପୁନର୍ବାର ଯୁଦ୍ଧ ହେବ । ହେ ଉୟୈନା ! ମୁଁ ଦେଖି ସାରିଛି ଯେ, ଆମେମାନେ ମଦିନାର ଇହୁଦୀମାନଙ୍କ ପ୍ରାଙ୍ଗଣରେ ମଧ୍ୟ ଅବତୀର୍ଣ୍ଣ (ଓହ୍ଲାଇଥିଲୁ) ହୋଇଥିଲୁ ଓ ସେମାନେ ଅତି ନିର୍ମମ ରୂପେ ଧ୍ୱଂସ ହୋଇଯାଇଥିଲେ।

ହ.ସାଆଦ୍ ର.ଅ ଏହା କହି ସେଠାରୁ ଫେରିଗଲେ ଏବଂ ଆଁହଜରତ ସ.ଅଙ୍କ ସେବାରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ । ତତ୍‌ସହିତ ଆପଣ ର.ଅ ଅତ୍ୟନ୍ତ ବିନୀତତାର ସହିତ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣ ସ.ଅଙ୍କ ସହିତ ଯେଉଁ ପ୍ରତିଶ୍ରୁତି କରିଥିଲେ ସେହି ପ୍ରତିଶ୍ରୁତିକୁ ସେ (ଅଲ୍ଲାଃତାଲା) ଅବଶ୍ୟ ପୂରଣ କରିବେ ଓ ନିଜର ଧର୍ମକୁ ଅବଶ୍ୟ ସେ ବିଜୟମଣ୍ଡିତ କରିବେ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଉୟୈନାକୁ ସେତେବେଳେ ଗୋଟିଏ ବି ଖଜୁରୀ କୋଳି ଦେବେ ନାହିଁ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଉୟୈନାକୁ ଖଡ଼୍‌ଗ ଧରି ପକାଇଲା ତେବେ ସେ ସେହି ସେହି ଇହୁଦୀମାନଙ୍କୁ ଛାଡ଼ି ନିଜ ଅଞ୍ଚଳକୁ ଏପରି ପଳାୟନ କରିବ ଯେପରି ଏହା ପୂର୍ବରୁ ଖନ୍ଦକ୍ ଦିନ ସେମାନେ (ଖଜରଜ୍ ସଂପ୍ରଦାୟ) ପଳାୟନ କରିଥିଲେ । ଖନ୍ଦକ ଯୁଦ୍ଧ ଅବସରରେ ମଧ୍ୟ ଉକ୍ତ ସଂପ୍ରଦାୟ 6 ହଜାର୍ ସଂଖ୍ୟକ ସୈନ୍ୟବାହିନୀ ନେଇ କୁରୈଶ୍‌ମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆସିଥିଲେ ଏବଂ ପୁଣି ସେଠାରୁ ପଳାୟନ କରିଥିଲା ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଇତିହାସରେ ଐଶ୍ୱରିକ ଭୟ ଏବଂ ଗତ୍‌ଫାନୀୟମାନଙ୍କର ପଳାୟନର ଚର୍ଚ୍ଚା ମଧ୍ୟ ମିଳେ । ଆଁହଜରତ ସ.ଅ କହିଥିଲେ ଯେ, نُصِرْتُ بِالرُّعْبِ । ଅର୍ଥାତ୍ ଶତ୍ରୁକୁ ପ୍ରତାପ ଦ୍ୱାରା ଆତଙ୍କିତ କରିବା ନିମନ୍ତେ ଅଲ୍ଲାଃତାଲା ମୋତେ ସାହାଯ୍ୟ ପ୍ରଦନା କରିବେ । ଉକ୍ତ ଘଟଣା ବ୍ୟବହାରିକ ରୂପେ ମଧ୍ୟ ଏଠାରେ ଏକଦା ଗତ୍‌ଫାନ୍ ସଂପ୍ରଦାୟର ସୈନ୍ୟମାନଙ୍କ ନିମନ୍ତେ ପ୍ରାଦୁର୍ଭୂତ ହୋଇଥିଲା ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଯେପରିକି ଚର୍ଚ୍ଚା ହୋଇଛି ଯେ, ବନୁ ଗତ୍‌ଫାନ୍ ସଂପ୍ରଦାୟର 4000 ସୈନ୍ୟବାହିନୀ ଇସ୍‌ଲାମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବା ନିମନ୍ତେ ପିଛା କରୁଥିଲା । କାରଣ ଉକ୍ତ ସଂପ୍ରଦାୟ ମୁସଲମାନମାନଙ୍କୁ ଖୈବର୍ ଠାରେ ପହଞ୍ଚିବାରୁ ଅଟକାଇବାକୁ ସକ୍ଷମ ଓ ସଫଳ ହୋଇଯାଉ । କିନ୍ତୁ ଏପରି ଐଶୀ ଲୀଳା ପ୍ରାଦୁର୍ଭୂତ ହେଲା ଯେ, ଗତ୍‌ଫାନବାସୀମାନଙ୍କର ଏହି ସୈନ୍ୟବାହିନୀ ସହସା ଅନ୍ୟ ମୁହାଁ ହେଲା ଓ ନିଜ ଘର ମୁହାଁ ପ୍ରତ୍ୟାବର୍ତ୍ତନ କଲା । ଇତିହାସ ଏବଂ ଜୀବନୀ ପୁସ୍ତକମାନଙ୍କରେ ଉଲ୍ଲେଖ ରହିଛି ଯେ, ଗତଫାନ୍ ସଂପ୍ରଦାୟର ସୈନ୍ୟବାହିନୀମାନେ ନିଜ ପଛ ପଟୁ ଏକ ଜୋରଦାର (ଉଚ୍ଚ) ସ୍ୱର ଶୁଣିଲେ । ଜଣେ ସଚେତକ ସେମାନଙ୍କୁ ଡାକ ମାରି କହୁଥିଲା ଯେ, ହେ ଗତ୍‌ଫାନ୍‌ବାସୀମାନେ ମୁସଲମାନମାନଙ୍କର ସୈନ୍ୟବାହିନୀମାନେ ଆମ ପଛରୁ ଆମର ଘର ଦ୍ୱାର ଏବଂ ଧନ ସମ୍ପତ୍ତି ଓ ପଶୁମାନଙ୍କୁ ଧ୍ୱଂସ କରି ଦେଇଛନ୍ତି । ମୁସଲମାନମାନେ ତୁମର ଅର୍ଥାତ୍ ଗତ୍‌ଫାନ୍‌ବାସୀଙ୍କର ଧନ ସମ୍ପଦ ଏବଂ ସ୍ତ୍ରୀ ତଥା ସନ୍ତାନମାନଙ୍କୁ ବନ୍ଦୀ କରିବାକୁ ଯାଉଛନ୍ତି । ଫଳତଃ ଗତ୍‌ଫାନ ସୈନ୍ୟବାହିନୀ ତୁରନ୍ତ ଫେରି ଆସିଲେ ଏବଂ ଇହୁଦୀମାନଙ୍କୁ ସେମାନେ ସାହାଯ୍ୟ କରିପାରିଲା ନାହିଁ । ଏହା ଏକ ଆଦୃଷ୍ଟ ସାହାଯ୍ୟ ଥିଲା ଏବଂ ଅଲ୍ଲାଃତାଲାଙ୍କର ସ୍ୱର ଥିଲା । **(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-346, 348, ଦାରୁସ୍ ସଲାମ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-245, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଫତହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-76,90-91, ନଫିସ୍ ଏକାଡ଼େମୀ, କରାଚୀ) (ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-376,378,379 ବଜ୍‌ମେ ଇକ୍‌ବାଲ୍, ଲାହୋର୍)(ସହିହୁଲ୍ ବୁଖାରୀ, କିତାବୁଲ୍ ୱୁଜୁଇ, ବାବ୍ ମିନ୍ ମଜ୍‌ମଜା ମିନସ୍ ସୁୱିକି ୱଲମ୍ ୟତଓ୍ୱଜା, ହଦିସ୍ ନଂ-209) (ଇମ୍‌ତାଅଲ୍ ଇସ୍‌ମାଆଇ, ଭାଗ-10, ପୃ-56, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଉସଦୁଲ୍ ଗାବା, ଭାଗ-3, ପୃ-428, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (କିତାବୁଲ୍ ମୁଗାଜି ୱାକିଦି, ଭାଗ-2, ପୃ-135 ଅନୁବାଦକ)**

ଇତିହାସରେ ଗତ୍‌ଫାନର ସୈନ୍ୟବାହିନୀ ସଂକ୍ରାନ୍ତରେ ମତପାର୍ଥକ୍ୟ ରହିଛି । ଯେପରିକି ପୂର୍ବେ ଏକ ପୁସ୍ତକର ପ୍ରାମାଣ୍ୟ ସଂପର୍କରେ ବର୍ଣ୍ଣନା ହୋଇଅଛି ଯେ, ବନୁ ଗତ୍‌ଫାନ୍ ସଂପ୍ରଦାୟରେ 1000 ଯୋଦ୍ଧା ନିଜର ଅଧିପତି ଉୟୈନା ବିନ୍ ହିସନ୍‌ର ସେନାପତିତ୍ୱରେ ଇହୁଦୀମାନେ ଖୈବର୍‌ବାସୀଙ୍କୁ ସାହାଯ୍ୟ ନିମନ୍ତେ ସେହି ଦୁର୍ଗକୁ ଚାଲି ଆସିଥିଲେ । ଅପରପକ୍ଷେ ଅନ୍ୟାନ୍ୟ ଜିବନୀ ପୁସ୍ତକମାନଙ୍କରେ ଏମାନଙ୍କର ସଂଖ୍ୟା 1000 ପରିବର୍ତ୍ତେ 4000 ହଜାର ବୋଲି ବର୍ଣ୍ଣିତ ହୋଇଛି । **(କିତାବୁଲ୍ ମୁଗାଜି ୱାକିଦି, ଭାଗ-2, ପୃ-135 ଅନୁବାଦକ) (ଜୀବନୀ ଶବ୍ଦକୋଷ, ଭାଗ-8 ପୃ-357, ଦାରୁସ୍ ସଲାମ୍)**

ସେହିପରି ଅନ୍ୟ ଜୀବନୀ ପୁସ୍ତକମାନଙ୍କରେ ଏହା ଉଲ୍ଲେଖ ରହିଛି ଯେ, ଉୟୈନା ବିନ୍ ମିହସନ୍‌ର ନେତୃତ୍ୱରେ ବନୁ ଗତ୍‌ଫାନ ସଂପ୍ରଦାୟର 4000 ହଜାର୍ ସଦସ୍ୟ ବିଶିଷ୍ଟ ସୈନ୍ୟବାହିନୀ ଯେତେବେଳେ ଖୈବର୍ ଆଡ଼କୁ ଆସୁଥିଲା ସେତେବେଳେ ମାର୍ଗରେ ହିଁ ଆଁହଜରତ ସ.ଅଙ୍କ ପ୍ରତିନିଧିମଣ୍ଡଳ ସହିତ ଉୟୈନାର ବାର୍ତ୍ତାଳାପ ହେଲା ଏବଂ ମାର୍ଗରେ ଐଶ୍ୱରିକ ପ୍ରତିପତିତ୍ୱ ଯୋଗୁଁ ଏହି ସଂଖ୍ୟା 4000 ସଦସ୍ୟ ବିଶିଷ୍ଟ ଥିଲା । ଏହି 4000 ସଦସ୍ୟ ବିଶିଷ୍ଟ ସୈନ୍ୟବାହିନୀ ନିଜ ଅଞ୍ଚଳକୁ ଚାଲିଗଲା। **(ସିରତ୍ ଇବ୍‌ନେ ହିସ୍ଶାମ୍, ପୃ-694, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-252, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍‌ରୁ ଉଦ୍ଧୃତ)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ସିରତ୍ ଇବନେ ହିସ୍ଶାମ୍‌ରେ ଏହିପରି ହିଁ ଉଲ୍ଲେଖ ରହିଛି । ସେ ଯାହା ହେଉ ରସୁଲୁଲ୍ଲାଃ ସ.ଅ ଖୈବର୍ ଅଭିମୁଖେ ନିଜର ଯାତ୍ରା ଜାରି ରଖିଲେ ଏବଂ ସିରୀୟାର ଅନ୍ଧାକାରରେ ଯେତେବେଳେ ଖୈବର୍‌ର ଦୁର୍ଗ ଦୃଶ୍ୟମାନ ହେବାକୁ ଲାଗିଲା ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ରହିଯାଅ ! ଅତଏବ୍ ସାହାବାମାନେ ଅଟକିଗଲେ । ସୁତରାଂ ରସୁଲୁଲ୍ଲାଃ ସ.ଅ ସେତେବେଳେ ଏହି ଦୁଆ କଲେ-اَللّٰهُمَّ رَبَّ السَّمٰوَاتِ السَّبْعِ وَمَا اَظْلَلْنَ وَرَبَّ الْاَرَضِيْنَ السَّبْعِ وَمَا اَقْلَلْنَ وَرَبَّ الشَّيَاطِيْنَ وَمَا اَضْلَلْنَ وَرَبَّ الرِّيَاحِ وَمَا اَذْرَيْنَ فَاِنَّا نَسْاَلُكَ مِنْ خَيْرِ هٰذِهِ الْقَرْيَةِ وَخَيْرِ اَهْلِهَا وَنَعُوْذُبِكَ مِنْ شَرِّهَا وَشَرِّ مَا فِيْهَا اَقْدِمُوْا بِسْمِ اللّٰهِ । ଅର୍ଥାତ୍ ହେ ସପ୍ତ ଆକାଶର ପାଳନକର୍ତ୍ତା ଏବଂ ପ୍ରତ୍ୟେକ ବସ୍ତୁ ଉପରେ ଆକାଶର ଛାୟା ରହିଛି ! ହେ ସପ୍ତ ଭୂମିର ପାଳନ କର୍ତ୍ତା ଏବଂ ଯାହାକୁ ସେହି ଭୂମି ଧାରଣ କରି ରଖିଛି ! ହେ ସୈତାନ୍‌ମାନଙ୍କର ପାଳନକର୍ତ୍ତା ! ଏହି ସୈତାନ୍‌ମାନେ ଯେଉଁ ଲୋକମାନଙ୍କୁ ମାର୍ଗଚ୍ୟୁତ କରି ଦେଇଛନ୍ତି ! ହେ ବ୍ୟୋମ (ବାୟୁ ବା ପବନର) ର ପାଳନକର୍ତ୍ତା ଅର୍ଥାତ୍ ଈଶ୍ୱର ବ୍ୟୋମରେ (ପବନରେ) ଯାହାକିଛି ଉଡ଼ିଥାଏ । ହେ ଅଲ୍ଲାଃ ଆମ୍ଭେମାନେ ତୁମ୍ଭ ଠାରୁ ଉକ୍ତ ବସ୍ତିର କଲ୍ୟାଣ (ନିମନ୍ତେ) ଭିକ୍ଷା କରୁଛୁ ଏବଂ ଉକ୍ତ ବସ୍ତି ଓ ଉକ୍ତ ବସ୍ତିର ବାସୀନ୍ଦାଙ୍କ ଅନିଷ୍ଟତା ଠାରୁ ତୁମ୍ଭର ଶରଣ ଭିକ୍ଷା କରୁଛୁ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ଅଲ୍ଲାଃତାଲାଙ୍କ ନାମ ନେଇ ଆଗକୁ ଅଗ୍ରସର ହୁଅ ।

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-118, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ବାହାରିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ ମନ୍‌ଜିଲା ନାମକ ସ୍ଥାନରେ ପହଞ୍ଚିଲେ । ଉକ୍ତ ବଜାରଟି ଯୁଦ୍ଧ ପରେ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ଭାଗରେ ପଡ଼ିଥିଲା । ଆପଣ ସ.ଅ ରାତ୍ରର କିଛି ଭାଗରେ ମନ୍‌ଜିଲା ଠାରେ ଅର୍ଥାତ୍ ଖୈବର୍ ବଜାରରେ ଅତିବାହିତ କରୁଥିଲେ । ଇହୁଦୀମାନଙ୍କୁ ଏହି ଧାରଣା ନଥିଲା ଯେ, ଆପଣ ସ.ଅ ସେମାନଙ୍କ ଉପରକୁ ଆକ୍ରମଣ କରିଦେବେ । କାରଣ ଇହୁଦୀମାନେ ନିଜର ଦୁର୍ଗ ଏବଂ ଅସ୍ତ୍ରଶସ୍ତ୍ର ଓ ସଂଖ୍ୟାଗରିଷ୍ଠତା ଉପରେ ଗର୍ବ ପ୍ରକାଶ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

କରୁଥିଲେ । ସେମାନେ ଏହି ସମସ୍ତ ପକ୍ଷ ହେତୁ ଅହଂକାରୀ ହୋଇଯାଇଥିଲେ। ଅତଏବ୍ ଯେତେବେଳେ ଇହୁଦୀମାନଙ୍କୁ ଜ୍ଞାତ ହେଲା ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କ ଆଡ଼କୁ ଆସୁଛନ୍ତି ତେବେ ପ୍ରତ୍ୟେକ ଦିନ 10,000 ବୀର ଯୋଦ୍ଧା ଧାଡ଼ି ବାନ୍ଧି ବାହାରକୁ ବାହାରୁଥିଲେ ଏବଂ କହୁଥିଲେ ଯେ, ଆରେ ବାହାରେ ଟିକେ ଦେଖିଲ (ଅନେଇଲ) କ'ଣ ମୁହମ୍ମଦ୍ ସ.ଅ ଆମ ଉପରେ ସୈନ୍ୟ ଚଢଉ କରିବେ କି? ଏହା ଅସମ୍ଭବ ଅଟେ । ଆଁହଜରତ ସ.ଅ ଯେତେବେଳେ ସେମାନଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ମଧ୍ୟ ସେମାନଙ୍କୁ କୌଣସି ସୂଚନା ମଧ୍ୟ ମିଳିଲା ନାହିଁ । ଏପର୍ଯ୍ୟନ୍ତକି ସୂର୍ଯ୍ୟୋଦୟ ହୋଇଗଲା । ଆପଣ ସ.ଅ ରାତ୍ର ସମୟରେ ପହଞ୍ଚିଥିଲେ। ଅତଏବ୍ ଯେତେବେଳେ ଇହୁଦୀମାନେ ପ୍ରାତଃ ସମୟରେ ନିଜ ଘରୁ ବାହାରିଲେ ସେତେବେଳେ ସେମାନଙ୍କ ହାତରେ କୋଦାଳ ଏବଂ ଟୋକେଇ ଥିଲା । ସେମାନେ ନିଜର କାମ କରିବା ନିମନ୍ତେ ବାହାରିଥିଲେ । ସେମାନେ ଯେତବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲେ ସେତେବେଳେ ସେମାନେ ପଳାଇ ଆସି ଦୁର୍ଗ ମଧ୍ୟରେ ଲୁଚିଗଲେ। **(ସବ୍ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-118,119, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍)**

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଠାରେ ରାତ୍ର ସମୟରେ ହିଁ ପହଞ୍ଚିଥିଲେ । ଆଁହଜରତ ସ.ଅ ଯେତେବେଳେ ବି କୌଣସି ଜାତି (ସଂପ୍ରଦାୟ) ନିକଟରେ ରାତ୍ର ସମୟରେ ପହଞ୍ଚୁଥିଲେ ଏବଂ ଯେପର୍ଯ୍ୟନ୍ତ ସକାଳ ହୋଇଯାଉ ନଥିଲା ସେପର୍ଯ୍ୟନ୍ତ ଆପଣ ସ.ଅ ସେହି ଜାତି ଉପରେ ଆକ୍ରମଣ କରୁ ନଥିଲେ । ପୁନଶ୍ଚ ଯେତେବେଳେ ସକାଳ ହେଲା ସେତେବେଳେ ଇହୁଦୀମାନେ ନିଜର କୋଦାଳ ଏବଂ ଟୋକେଇ ନେଇ ବାହାରକୁ ବାହିରିଲେ । ତେଣୁ ଆଁହଜରତ ସ.ଅ କୌଣସି ଜାତି ଉପରେ ରାତ୍ର ସମୟରେ ଆକ୍ରମଣ କରୁ ନଥିଲେ ଏବଂ ସକାଳ ହେବା ମାତ୍ରେ ଆପଣ ସ.ଅ ଆକ୍ରମଣ କରୁଥିଲେ । ଅତଏବ୍ ଇହୁଦୀମାନେ ଯେତେବେଳେ ଆପଣ ସ.ଅଙ୍କୁ ଦେଖିଲେ ସେତେବେଳେ ସେମାନେ କହିବାକୁ ଲାଗିଲେ ଯେ, ଆମେ ଅଲ୍ଲାଙ୍କ ରାଣ ଖାଇ କହୁଛୁ ମୁହମ୍ମଦ୍ (ସ.ଅ) ! ଅର୍ଥାତ୍ ମୁହମ୍ମଦ ସ.ଅ ଓ ସୈନ୍ୟବାହିନୀ । ନବୀ କରୀମ୍ ସ.ଅ କହିଲେ,

خَرِبَتْ خَيْبَرُ، إِنَّا إِذَا نَزَلْنَا بِسَاحَةِ قَوْمٍ فَسَاءَ صَبَاحُ الْمُنْذَرِينَ۔

ଅର୍ଥାତ୍ ଖୈବର୍ ଧ୍ୱଂସ ହୋଇଗଲା । ଆମେମାନେ ଯେତେବେଳେ କୌଣସି ଜାତିର ପ୍ରାଙ୍ଗଣରେ ଓହ୍ଲାଉ ସେତେବେଳେ ଭୀତ ତ୍ରସ୍ତ ଲୋକମାନଙ୍କର ସକାଳ ଅତ୍ୟନ୍ତ ଖରାପ ହୋଇଥାଏ । **(ସହି ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)- ଗଜ୍ୱା ଖୈବର, ହଦିସ୍ ସଂଖ୍ୟା-4197)**

ମନ୍ଜିଲା (ଇହୁଦୀମାନଙ୍କର ଏକ ବଜାର) ଠାରେ ସ୍ଥାୟୀ ଶିବିର ସ୍ଥାପନ କରାଗଲା ନାହିଁ । ଇସଲାମୀୟ ସୈନ୍ୟବାହିନୀରେ ପରିବର୍ତ୍ତନ ଦେଖା ଦେଇଥିଲା। ଏଥି ସଂକ୍ରାନ୍ତରେ ଏହିପରି ଚର୍ଚ୍ଚା ମିଳେ ଯେ, ରସୁଲୁଲ୍ଲାଃ ସ.ଅ ଖୈବର୍ ଠାରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ମନ୍ଜିଲା ଠାରେ ରାତ୍ର ଯାପନ କଲେ ଏବଂ ଆପଣ ସ.ଅ ସେହିଠାରେ ହିଁ ସକାଳ କଲେ ।

ହ. ହୁବ୍ବାବ୍ ବିନ୍ ମୁନ୍ଜର୍ ର.ଅ ଆଁହଜରତ ସ.ଅଙ୍କ ନିକଟକୁ ଯେତେବେଳେ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ଏଠାରେ ଅର୍ଥାତ୍ ମନ୍ଜିଲା ଠାରେ ଠିକଣା ସ୍ଥାପନ କରିବା ଯଦି ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ହୋଇଥାଏ ତେବେ ଆମେମାନେ କିଛି କହୁ ନାହୁଁ । ଯଦି ଏହା ଆପଣ ସ.ଅଙ୍କ ବ୍ୟକ୍ତିଗତ ରାୟ ଅଟେ ତେବେ ଆମେମାନେ ଆପଣ ସ.ଅଙ୍କୁ ପରାମର୍ଶ ଦେବାକୁ ଚାହୁଁଛୁ । ରସୁଲୁଲ୍ଲାଃ ସ.ଅ କହିଲେ, ଏହି ମତାମତ ହେଉଛି ମୋର ନିଜସ୍ୱ ମତାମତ। ହ. ହୁବବାବ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସେହି ଦୁର୍ଗ ନିକଟବର୍ତ୍ତୀ ହୋଇଯାଇଛନ୍ତି ଏବଂ ଆପଣ ସ.ଅ ସେହି ଉଦ୍ୟାନ ସମ୍ମୁଖରେ ଅଛନ୍ତି । ଭୂଖଣ୍ଡଟି ଲବଣଯୁକ୍ତ ଅଟେ ଏବଂ ଆମେମାନେ ନତାତା ବାସୀଙ୍କୁ ଜାଣୁ । ସେମାନଙ୍କ ତୀର ବହୁତ ଦୂର ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ଧନୁ ଚାଳନାରେ ସେମାନଙ୍କ ସମକକ୍ଷ କେହି ନାହିଁ । ଅର୍ଥାତ୍ ଧନୁ ଚଳାଇବାରେ ବା ତୀର ମାରିବାରେ ସେମାନେ ସିଦ୍ଧ ହସ୍ତ ଅଟନ୍ତି । ସେମାନେ ଆମ ଅପେକ୍ଷା ଉଚ୍ଚ ସ୍ଥାନରେ ଅବସ୍ଥିତ ଅଟନ୍ତି । ସେମାନଙ୍କ ଦ୍ୱାରା ଚାଳିତ ତୀର ଆମ ପର୍ଯ୍ୟନ୍ତ ଅତି ସହଜରେ ପହଞ୍ଚି ପାରିବ ଏବଂ ରାତ୍ର ସମୟରେ ସେମାନେ ଯେତେବେଳେ ଆମ ଉପରେ ଆକ୍ରମଣ କରିବେ ତେବେ ତହିଁରୁ ମଧ୍ୟ ଆମେମାନେ ସୁରକ୍ଷିତ ନାହୁଁ । ସେମାନେ ଖଜୁରୀ ବୃକ୍ଷର ଆଳରେ ଲୁଚିବାକୁ ସକ୍ଷମ ଅଟନ୍ତି । ତେଣୁ ମୁଁ ଆପଣ ସ.ଅଙ୍କୁ ଏହି ନିବେଦନ କରେ କି ଆପଣ ସ.ଅ ଏଠାରୁ ଦୂରକୁ ଅର୍ଥାତ୍ ଅନ୍ୟତ୍ର ସ୍ଥାନାନ୍ତିରତି ହୋଇ ଯାଆନ୍ତୁ । ଆପଣ ସ.ଅ କହିଲେ, ହେ ହୁବ୍ବାବ୍ ! ତୁମେ ଅତ୍ୟୁତ୍ତମ ମତ ପ୍ରଦାନ କରିଛ । ସେ ଯାହା ହୋଇଯାଉ ଆମେମାନେ ସେମାନଙ୍କ ସହିତ ଆଜି ହିଁ ଯୁଦ୍ଧ କରିବୁ । କିନ୍ତୁ ତତ୍ସହିତ ରସୁଲୁଲ୍ଲାଃ ସ.ଅ ମୁହମ୍ମଦ୍ ବିନ ମସ୍ଲମା ର.ଅଙ୍କୁ ଡକାଇଲେ । ମୁହମ୍ମଦ ବିନ ମସ୍ଲମା ଆପଣ ସ.ଅଙ୍କ ସୁରକ୍ଷା ଟୁକୁଡ଼ିର ଇନ୍ଚାର୍ଜ୍ ଥିଲେ । ଅତଏବ୍ ଆପଣ ସ.ଅ କହିଲେ, ହେ ମୁହମ୍ମଦ୍ ବିନ ମସ୍ଲମା ! ତୁମେ ଇହୁଦୀମାନଙ୍କ ଦୁର୍ଗ ଠାରୁ କିଛି ଦୂରରେ ଆମ ପାଇଁ ଜାଗ ସନ୍ଧାନ (ଖୋଜ) କର । ମୁହମ୍ମଦ ବିନ୍ ମସ୍ଲମା ର.ଅ ଚାଲି ଚାଲି ରଜିଇ ନାମକ ସ୍ଥାନ ଠାରେ ପହଞ୍ଚିଲେ । ରଜିଇ ଖୈବର୍ ଏବଂ ଗତ୍ଫାନ ସଂପ୍ରଦାୟର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଏକ ସ୍ଥାନ ଅଟେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଫେରି ଆସି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣଙ୍କ ନିମନ୍ତେ ଏକ ସ୍ଥାନ ଦେଖି ନେଇଛି । ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କ କଲ୍ୟାଣ ସହ (ଭିକ୍ଷା କରି) ଚାଲ । କିନ୍ତୁ ଏହା ପୂର୍ବରୁ ହୁଜୁର ସ.ଅ ଏହା କହି ସାରିଥିଲେ ଯେ, ସେ ଯାହା ହୋଇ ଯାଉ ପଛେ ଆଜି କିନ୍ତୁ ଉକ୍ତ (ଏହି) ସ୍ଥାନରେ ଯୁଦ୍ଧ ହେବ ହିଁ ହେବ । ଅତଏବ୍ ଯୁଦ୍ଧ ହେଲା । ଯୁଦ୍ଧ ସନ୍ଧ୍ୟା ସମୟରେ ସମାପ୍ତ ହେଲା । ଯୁଦ୍ଧ ସମାପ୍ତ ହେବା ପରେ ସେହି ନୂତନ ସ୍ଥାନରେ ସମସ୍ତ ଇସ୍ଲାମୀୟ ସୈନ୍ୟବାହିନୀକୁ ସ୍ଥାନାନ୍ତରିତ କରି ଦିଆଗଲା । **(ଇମ୍ତାଅଲ୍ ଇସ୍ମାଆଇ, ଭାଗ-9, ପୃ-231, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)(ସବ୍ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-119, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍) (ସବ୍ଲୁଲ୍ ହୁଦା, ୱର୍ ରଶ୍ଶାଦ୍ ଅନୁବାଦକ, ଭାଗ-5, ପୃ-130, ପ୍ରକାଶନ ସ୍ଥାନ- ଜାୱିୟା ପବ୍ଲିଶର୍ସ ଲାହୋର୍) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍ନି ହିଶ୍ଶାମ୍, ପୃ-694, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍)**

ହୁଜୁର ଅନୱର୍ ଅ.ବ କହିଲେ, ଏଠାରେ ଖୈବର୍ର ବିଭିନ୍ନ ଦୁର୍ଗର ବିଭାଗ ସଂପର୍କରେ ମଧ୍ୟ ବର୍ଣ୍ଣନା କରିଦେବା ମଧ୍ୟ ନିତାନ୍ତ ଜରୁରୀ ଅଟେ । କାରଣ ଉକ୍ତ ଯୁଦ୍ଧ ଦୁର୍ଗ ସଂପର୍କିତ ଅଟେ । ତେଣୁ ସେହିସବୁ ଦୁର୍ଗଗୁଡ଼ିକ ଗୋଟିଏ ପରେ ଗୋଟିଏ ବିଜୟ ହୋଇ ଚାଲିଲା । କେବଳ ଏହି ଦୁର୍ଗର ସଂଖ୍ୟା ସଂପର୍କରେ ମତଭେଦ ନାହିଁ ବରଂ ଦୁର୍ଗର ନାମ ସଂପର୍କରେ ମଧ୍ୟ ମତପାର୍ଥକ୍ୟ ମଧ୍ୟ ରହିଛି । ସେହିପରି ଉକ୍ତ ଯୁଦ୍ଧର ଘଟଣାବଳୀ ମଧ୍ୟ କେତେକ ପୁସ୍ତକମାନଙ୍କର କେତେକ ଦୁର୍ଗ ଆଡ଼କୁ ନାମିତ ଓ ଇଙ୍ଗିତ ବୋଲି କରାଯାଏ । ଅପରପକ୍ଷେ ଅନ୍ୟ ପୁସ୍ତକମାନଙ୍କରେ ଦୁର୍ଗ ଆଡ଼କୁ ଏହିସବୁ ଘଟଣାବଳୀଗୁଡ଼ିକୁ ଘଟିଥିବାର ବୋଲି ଇଙ୍ଗିତ ଏବଂ ନାମିତ ବୋଲି କରାଯାଏ । ଖୈବରର ଭୌଗୋଳିକ ଅବସ୍ଥିତ ସଂପର୍କରେ ଉକ୍ତ ଦୁର୍ଗର ଚର୍ଚ୍ଚା ଏହିପରି ହିଁ ଅଟେ । ଅର୍ଥାତ୍ ଏହିପରି ହିଁ ବର୍ଣ୍ଣିତ ହୋଇଛି ।

ଯାକୁବୀୟ ଇତିହାସରେ ଖୈବର୍ର ଦୁର୍ଗମାନଙ୍କର ସଂଖ୍ୟା 6 ବୋଲି ବର୍ଣ୍ଣନା କରାଯାଇଛି । ସେହି ଦୁର୍ଗଗୁଡ଼ିକ ମଧ୍ୟରେ ନଏମ୍ ଦୁର୍ଗର ଚର୍ଚ୍ଚା ହୋଇ ନାହିଁ ଏବଂ ଚିହ୍ନ ବର୍ଣ୍ଣ ମଧ୍ୟ ନାହିଁ । ଅପରପକ୍ଷେ ଅନେକ ଜୀବନୀ ପୁସ୍ତକମାନଙ୍କର ଖୈବର୍ ଯୁଦ୍ଧର ପ୍ରାରମ୍ଭ ଏହି ନାଏମ୍ ଦୁର୍ଗ ଠାରୁ ଆରମ୍ଭ ବୋଲି କୁହାଯାଏ । ଜର୍କାନୀରେ ଦୁର୍ଗମାନଙ୍କର ସଂଖ୍ୟା 10 ବୋଲି ବର୍ଣ୍ଣିତ ହୋଇଛି । ସେହି ସମସ୍ତ ପୁସ୍ତକମାନଙ୍କୁ ଯଦି ଅବଲୋକନ କରାଯାଏ ତେବେ ନିଃସନ୍ଦେହରେ ଏହା କୁହାଯାଇ ପାରିବ ଯେ, ଖୈବରର ଅଞ୍ଚଳକୁ ତିନି ଭାଗରେ ବିଭକ୍ତ କରାଯାଇ ପାରିବ । ଯଥା-ନତାତ୍, ଶକ୍କା ଓ କତିବା । ଏହି ତିନି ଭାଗରେ ଆଠଟି ଦୁର୍ଗ ନିମ୍ନମତେ ବିଭକ୍ତିକୃତ କରାଯାଇଥିଲା। ଯଥା-ନତାତର ତିନୋଟି ଦୁର୍ଗ- ନଏମ୍, ସାଆବ୍ ଓ ଜୁବୈର୍ । ଏହି ଜୁବୈର୍ ଦୁର୍ଗର ପୂର୍ବ ନାମ କୁଲ୍ଲା ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କ ଭାଗରେ ଉକ୍ତ ଦୁର୍ଗ ଆସିଥିଲା । ତେଣୁ ଉକ୍ତ ଦୁର୍ଗର ନାମ ଜୁବୈର୍ ବୋଲି ବିଖ୍ୟାତ ହୋଇଗଲା । ପୁନଶ୍ଚ ଖୈବର୍ର ଦ୍ୱିତୀୟ ଅଞ୍ଚଳ ହେଉଛି ଶକ୍କା । ଶକ୍କା ଠାରେ ଦୁଇଟି ଦୁର୍ଗ ରହିଥିଲା। ଅର୍ଥାତ୍ ଉବୈ ଏବଂ ବରିଅ ଅବା ନଜାର୍ । ସେହିପରି ଖୈବର୍ର ତୃତୀୟ ଅଞ୍ଚଳ ହେଉଛି କତିବା । କତିବା ଠାରେ ତିନୋଟି ଦୁର୍ଗ ରହିଥିଲା । ଅର୍ଥାତ୍ କମୁସ୍ ଏବଂ ୱତିହ୍ ଓ ସୁଲାଲିମ୍ । **(ଶରହିଲ୍ ଅଲ୍ଲାମା ଅଜ୍ ଜର୍କାନୀ, ଭାଗ-3, ପୃ-264-266, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ ବୈରୁତ୍) (ଗଜ୍ୱାତୁନ୍ ନବୀ ସ.ଅ, ଲେଖକ-ଅବୁଲ୍ କଲାମ୍ ଆଜାଦ୍, ପୃ-162-163) (ତବ୍କାତ୍ ଇବ୍ନେ ସାଆଦ୍, ଭାଗ-2, ପୃ-81, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ ବୈରୁତ୍)**

ଯୁଦ୍ଧର ସବିଶେଷ ବିବରଣୀ ଏହିପରି ଯେ, ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆଁହଜରତ ସ.ଅ ସାହାବାମାନଙ୍କୁ ଏକ ସଂକ୍ଷିପ୍ତ ଉଦ୍ବୋଧନ ଦେଇ କହିଲେ, ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଶତ୍ରୁମାନଙ୍କ ସହିତ ମୁହାଁମୁହିଁ ହେବା ନିମନ୍ତେ କାମନା କର ନାହିଁ । ଅଲ୍ଲାଃତାଲାଙ୍କ ଠାରୁ ଶାନ୍ତି ଭିକ୍ଷା କର। ତୁମମାନଙ୍କୁ ଜ୍ଞାତ ନାହିଁ ଯେ, ତୁମେମାନ କେଉଁ ବିପତ୍ତିପରେ ପିଡ଼ୀତ ହେବ ? କିନ୍ତୁ

**ହଦିସେ ନବୱୀ ସ.ଅ.ସ :-**

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

ତୁମେମାନେ ଯେତେବେଳେ ଶତ୍ରୁ ସମ୍ମୁଖକୁ ଅର୍ଥାତ୍ ମୁହାଁମୁହିଁ ହୁଅ ସେତେବେଳେ ଏହି ଦୁଆ କର-

اَللّٰھُمَّ أَنْتَ رَبُّنَا وَرَبُّھُمْ وَنَوَاصِيْنَا وَنَوَاصِيْھُمْ بِيَدِكَ وَاِنَّمَا تَقْتُلُھُمْ أَنْتَ۔

ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ହିଁ ଆମ୍ଭମାନଙ୍କର ପାଳନକର୍ତ୍ତା ଅଟ । ଆମମାନଙ୍କର କପାଳ (ଭାଗ୍ୟ) ଓ ସେମାନଙ୍କର କପାଳ (ଭାଗ୍ୟ) ତୁମ୍ଭରି ହାତରେ ରହିଛି । ତେଣୁ ତୁମ୍ଭେ ହିଁ ସେମାନଙ୍କୁ ଅବଶ୍ୟ ସଂହାର କରିବ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଣାଦ୍, ଭାଗ-5, ପୃ-119-120, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଅତଏବ୍ ଏହାପରେ ଆଁହଜରତ ସ.ଅ ଯୁଦ୍ଧ ନିମନ୍ତେ ଆଦେଶ ଦେଲେ ଏବଂ ସାହାବାମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉତ୍ସାହିତ କଲେ । ସର୍ବପ୍ରଥମେ ନାଏମ୍ ଦୁର୍ଗର ଘେରାଉ କରାଗଲା । ନାଏମ୍ ଦୁର୍ଗ ଇହୁଦୀମାନଙ୍କର ସବୁଠୁ ମଜଭୁତ ଦୁର୍ଗ ଥିଲା । ରସୁଲୁଲ୍ଲାଃ ସ.ଅ ସେହି ଦିନ ଘମାଘୋଡ଼ ଯୁଦ୍ଧ ଲଢିଲେ ଏବଂ ନତାତ୍‌ବାସୀ ଆପଣ ସ.ଅଙ୍କ ସହିତ ଭୀଷଣ ରୂପେ ମୁକାବିଲା କଲେ ଏବଂ ସେହି ଦିନ ସାହାବାମାନେ ନିଜର ଆତ୍ମରକ୍ଷା ମଧ୍ୟ କଲେ । ରସୁଲୁଲ୍ଲାଃ ସ.ଅ ଦୁଇଟି ଲୋହ ପୋଷାକ ଏବଂ ଗୋଟିଏ ଲୌହ ମୁକୁଟ ପରିଧାନ (ପିନ୍ଧିଥିଲେ) କରିଥିଲେ। ଆଁହଜରତ ସ.ଅ ଜରିବ୍ ଅଶ୍ୱ ଉପରେ ଆରୋହଣ ହୋଇଥିଲେ । ଜରିବ୍ ଆପଣ ସ.ଅଙ୍କ ଅଶ୍ୱର ନାମ ଥିଲା । ଆପଣ ସ.ଅଙ୍କ ହସ୍ତରେ ବର୍ଚ୍ଛା ଓ ଢାଲ ରହିଥିଲା । ଶତ୍ରୁ ପକ୍ଷ ଅହରହ ତୀର ବର୍ଷଣ କରୁଥିଲା । କିନ୍ତୁ ମୁସଲମାନମାନେ ମଧ୍ୟ ଅତ୍ୟନ୍ତ ସତର୍କତାପୂର୍ବକ ତୀର ବର୍ଷଣ କରୁଥିଲେ । କାରଣ ମୁସଲମାନମାନଙ୍କ ନିକଟରେ ତୀର ଖୁବ୍ କମ୍ ସଂଖ୍ୟକ ଥିଲା । କେବଳ ସେତିକି ନୁହେଁ ବରଂ ମୁସଲମାନମାନେ ଇହୁଦୀମାନଙ୍କର ତଳେ ପଡ଼ି ଯାଇଥିବା ତୀରଗୁଡ଼ିକୁ ଗୋଟାଇ ସେହି ଇହୁଦୀମାନଙ୍କ ଉପରେ ହିଁ ବର୍ଷଣ କରି ଦେଉଥିଲେ ।

ଉକ୍ତ ଯୁଦ୍ଧରେ ହ. ମୁହମ୍ମଦ୍ ବିନ୍ ମସଲାମ ର.ଅଙ୍କ ଶାହାଦତ୍ (ବୀରଗତି ପ୍ରାପ୍ତ କରିବା) ସଂପର୍କରେ ମଧ୍ୟ ସୂଚନା ମିଳେ । ହ. ସଲ୍‌ମା ବିନ୍ ମସ୍‌ଲମା ର.ଅ କିଛି କ୍ଳାନ୍ତ ହୋଇଗଲେ ଏବଂ ତାଙ୍କ ଅସ୍ତ୍ରଶସ୍ତ୍ରଗୁଡ଼ିକ ଟିକିଏ ଭାରି ବୋଲି ଲାଗିଲା ଏବଂ ଗ୍ରୀଷ୍ମ ଯୋଗୁଁ ସେ ବହୁତ ଛଟପଟ ହେଉଥିଲେ । ତେଣୁ ସେ ନାଏମ୍ ଦୁର୍ଗର ପ୍ରାଚୀର ଛାଇରେ ଟିକେ ବସିଗଲେ । କୁହାଯାଏ ଯେ, ଇହୁଦୀମାନଙ୍କର ଅଧିପତି ମରହବ୍ ତାଙ୍କୁ ଦେଖି ପକାଇଲା ଓ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କ ଉପରେ ପ୍ରାଚୀର ଉପରୁ ପଥର ଚକ୍କି ତଳକୁ ଖସାଇ ଦେଲା । ସେହିପରି ଏହା ମଧ୍ୟ କୁହାଯାଏ ଯେ, କିନାନା ବିନ୍ ରବିଇ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅଙ୍କ ଉପରେ ପ୍ରାଚୀର ଉପରୁ ପଥର ଚକ୍କି ତଳକୁ ଖସାଇ ଥିଲା । ସେହି ଚକ୍କି ତାଙ୍କ ମୁଣ୍ଡରେ ଆସି ବାଜିଲା ଏବଂ ତାଙ୍କ ମୁଣ୍ଡକୁ ଦୁଇ ଫାଳ କରିଦେଲା । ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କ ମୁଣ୍ଡର ଚର୍ମ କଟି ମୁଖମଣ୍ଡଳ ପର୍ଯ୍ୟନ୍ତ ଆସିଗଲା । ଅର୍ଥାତ୍ ଚେହେରା ପର୍ଯ୍ୟନ୍ତ ଚିରି ଯାଇଥିଲା ଚର୍ମ । ଏତଦ୍‌ପରେ ସଙ୍ଗେସଙ୍ଗେ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କୁ ଆଁହଜରତ ସ.ଅ ନିକଟକୁ ଅଣାଗଲା । ଆପଣ ସ.ଅ ତାଙ୍କର ଚର୍ମକୁ ପୁନଃ ସେହି ସ୍ଥାନରେ ରଖିଦେଲେ ଏବଂ କପଡ଼ା ଦ୍ୱାରା ସେହି ଚର୍ମ ଉପରେ ଏକ ପଟି ବାନ୍ଧି ଦେଲେ । କିନ୍ତୁ କ୍ଷତ ଏତେ ଗଭୀର ଥିଲା ଯେ, ହ. ମୁହମ୍ମଦ୍ ବିନ୍ ମସଲମା ସୁସ୍ଥ ହୋଇ ପାରିଲେ ନାହିଁ ଏବଂ କିଛି ଦିନ ପରେ ଆପଣ ର.ଅଙ୍କ ମୃତ୍ୟୁ ଘଟିଥିଲା । ହ. ମହମୁଦ୍ ର.ଅଙ୍କ ଆହତ ହେବା ଯୋଗୁଁ ଆଁହଜରତ ସ.ଅ ତାଙ୍କର ଭାଇ ହ. ମୁହମ୍ମଦ୍ ବିନ୍ ମସଲମା ର.ଅଙ୍କୁ ଆଶ୍ୱସ୍ତି ପ୍ରଦାନ କରି କହିଲେ, ହେ ମସ୍‌ଲମା ! ତୁମ ଭାଇର ହତ୍ୟାକାରୀ ଖୁବଶୀଘ୍ର ଦଣ୍ଡ ପାଇବ ।

ଏହି ପ୍ରଥମ ଦିନରେ ମୁସଲମାନମାନଙ୍କୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା। ଶତ୍ରୁ ପକ୍ଷରୁ ଦୁର୍ଗ ମଧ୍ୟରୁ ଯେଉଁ ତୀର ବର୍ଷଣ ହେଉଥିଲା ସେହି ତୀର ବର୍ଷଣ ହେତୁ 50 ଜଣ ମୁସଲମାନମାନେ ଆହତ ହୋଇଥିଲେ । ଯେତେବେଳେ ସନ୍ଧ୍ୟା ସମୟ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ରଜିଇ ଅଭିମୁଖେ ପ୍ରସ୍ଥାନ କଲେ ଏବଂ ଲୋମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ମଧ୍ୟ ଚାଲି ଆସନ୍ତୁ । ଏ ହେଉଛି ସେହି ସ୍ଥାନ ଯେଉଁଠି ହୁବ୍‌ବାବ୍ ର.ଅଙ୍କ ପରାମର୍ଶ କ୍ରମେ ଶିବିର ସ୍ଥାପନ କରାଯାଇଥିଲା ଏବଂ ବର୍ତ୍ତମାନ ଏହି ସ୍ଥାନ ମୁସଲମାନମାନଙ୍କର କେନ୍ଦ୍ରସ୍ଥଳୀ ପାଲଟି ଯାଇଥିଲା। ଯେପରିକି ବର୍ଣ୍ଣିତ ହୋଇ ସାରିଛି ଯେ, ଉକ୍ତ ଦୁର୍ଗ ଇହୁଦୀମାନଙ୍କର ସବୁଠୁ ମଜଭୁତ ଦୁର୍ଗ ମଧ୍ୟରୁ ଅନ୍ୟତମ ଥିଲା ଏବଂ ଖୈବର୍‌ର ସାହସୀ ଏବଂ ବିଖ୍ୟାତ ଯୋଦ୍ଧା ମରହବ୍ ଉକ୍ତ ଦୁର୍ଗର ପ୍ରତିରକ୍ଷା କାର୍ଯ୍ୟର (ଦାୟିତ୍ୱରେ) ନିୟୋଜିତ ହୋଇ ନେତୃତ୍ୱ ନେଉଥିଲା । ମରହବ୍‌ର ସାହାଯ୍ୟ ଏପରି ଅଶ୍ୱାରୋହୀମାନେ କରୁଥିଲେ ଯେଉଁମାନେ ସାହସିକତା ଏବଂ ବୀରତ୍ୱ ଗୁଣରେ କାହା ଠାରୁ କିଛି କମ୍ ନଥିଲେ। ତେଣୁ ମରହବ୍‌ର ଦୁଇ ଜଣ ଅଶ୍ୱାରୋହୀ ଭାଇମାନେ ହେଲେ ୟାସିର୍ ଏବଂ ହାରିସ୍। ଏମାନେ ମରହବ୍‌କୁ ସାହାଯ୍ୟ କରୁଥିଲେ । ବର୍ଣ୍ଣନାରୁ ପ୍ରତିତ ହୁଏ ଯେ, ଆଁହଜରତ ସ.ଅ 10 ଦିନ ପର୍ଯ୍ୟନ୍ତ ଅହରହ ଯୁଦ୍ଧ କରିଥିଲେ । ଆପଣ ସ.ଅ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କୁ ସାଙ୍ଗରେ ଧରି ବାହାରିଲେ ଏବଂ ଶିବିର ପକାଇବା ସମୟରେ ହ. ଉସ୍‌ମାନ୍ ର.ଅଙ୍କୁ ନିଜର ନିରୀକ୍ଷିକ ରୂପେ ନିଯୁକ୍ତ କରି ଯାଉଥିଲେ । ଯେତେବେଳେ ସନ୍ଧ୍ୟା ହୋଇଯାଉଥିଲା ସେତେବେଳେ ସେହି ସ୍ଥାନ ଅର୍ଥାତ୍ ଶିବିର ପକା ଯାଇଥିବା ସ୍ଥାନକୁ ଆପଣ ସ.ଅ ଫେରି ଆସୁଥିଲେ ଏବଂ ଆହତ ମୁସଲମାନମାନଙ୍କୁ ମଧ୍ୟ ସେଠାକୁ ଅଣାଯାଉଥିଲା । ସେଠାରେ ସେହି ଆହତମାନଙ୍କୁ ମଲମ୍ ଲଗାଯାଇ ପଟି ବନ୍ଧା ଯାଉଥିଲା । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-50-51, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (କିତାବୁଲ୍ ମୁଗାଜି, ଭାଗ-2, ପୃ-121, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଜୀବନୀ ଇନ୍‌ସାଇକ୍ଲୋ ପିଡ଼ିୟା, ଭାଗ-8, ପୃ-361, ଦାରୁସ୍ ସଲାମ୍) (ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-388,390 ବଜମେ ଇକ୍‌ବାଲ୍, ଲାହୋର୍)(ଜୀବନୀ ଶବ୍ଦକୋଷ, ପୃ-183, ଜୱାର୍ ଏକାଡ଼େମୀ, କରାଚୀ)**

ଉକ୍ତ ଯୁଦ୍ଧର ଘଟଣାବଳୀରେ ମରହବର କେ ଯୁଦ୍ଧ ଏବଂ ଆମିର୍ ବିନ୍ ଅକ୍‌ୱା ର.ଅଙ୍କ ଶାହାଦତ୍‌ର ଚର୍ଚ୍ଚା ମଧ୍ୟ ମିଳେ । ଏହାର ବିବରଣୀ ଏହିପରି ଯେ, ସେହି ଦିନମାନଙ୍କରେ ମରହବ୍ ନାମକ ଜଣେ ଇହୁଦୀ ସେନାପତିର ସାହସିକତା ଏବଂ ବୀରତ୍ୱରେ କେହି ବି ତା'ର ସମକକ୍ଷ ନଥିଲା । ସୁତରାଂ ସେ ଦୁର୍ଗ ମଧ୍ୟରୁ ବାହାରକୁ ବାହାରି ଆସିଲା ମୁସଲମାନମାନଙ୍କୁ ଆମନ୍ତ୍ରିତ କରିବାକୁ ଲାଗିଲା ଓ ଅହଂକାରପୂର୍ବକ ନିଜର ଖଡ଼୍‌ଗକୁ ପବନରେ ଉଡ଼ାଇ ନିମ୍ନୋକ୍ତ କବିତା ପାଠ କରିବାକୁ ଲାଗିଲା ଯେ,

قَدْ عَلِمَتْ خَيْبَرُ أَنِّي مَرْحَبُ
شَاكِي السِّلَاحِ بَطَلٌ مُجَرَّبُ
إِذَا الْحُرُوبُ أَقْبَلَتْ تَلَهَّبُ

ଅର୍ଥାତ୍ ଖୈବର୍ ଏକଥା ଜାଣେ ଯେ, ମୁଁ ମରହବ୍ ଅଟେ । ଅସ୍ତ୍ରଶସ୍ତ୍ର, ସାହସୀ ଅଭିଜ୍ଞ ଅଟେ । ଅପରପକ୍ଷେ ଯୁଦ୍ଧ ଅଗ୍ନିକୁ ସ୍ଫୁଲିଙ୍ଗ ଓ ଉସ୍‌କାଇ ଚାଲି ଆସୁଛି । ମରହବ୍‌ର ଉକ୍ତ ଚ୍ୟାଲେଞ୍ଜ୍ କଥା ଶୁଣି ହ. ଆମିର୍ ବିନ୍ ଅକ୍‌ୱା ର.ଅ ସୈନ୍ୟବାହିନୀରୁ ପୃଥକ୍ ହୋଇ ମରହବ୍‌ର୍ ସମ୍ମୁଖକୁ ବାହାରି ଆସିଲେ ଏବଂ ଉକ୍ତ ଯୁଦ୍ଧ ଭିତ୍ତିକ ତଥା ସଂଘର୍ଷ ଭିତ୍ତିକ କବିତା ପାଠ କଲେ ଯେ,

قَدْ عَلِمَتْ خَيْبَرُ أَنِّي عَامِرُ    شَاكِي السِّلَاحِ بَطَلٌ مُغَامِرُ

ଅର୍ଥାତ୍ ଖୈବରର ପ୍ରତ୍ୟେକଟି କୋଣ ଅନୁକୋଣ ଏକଥା ଜାଣେ ଯେ, ମୁଁ ଆମିର୍ ଅଟେ ଏବଂ ଅସ୍ତ୍ରଶସ୍ତ୍ରକୁ ଘୋଡ଼ାଇ ରଖିଛି, ବୀର, ସାହସୀ ଏବଂ ଯୁଦ୍ଧ ବିପତ୍ତି ସମୟରେ ନିର୍ଭୀକ ଭାବରେ ଲମ୍ଫ ପ୍ରଦାନକାରୀ ବ୍ୟକ୍ତି ମୁଁ ଅଟେ ।

ଏତଦ୍‌ପରେ ଦୁହେଁ ପରସ୍ପର ସମ୍ମୁଖରେ ମୁକାବିଲା କରିବା ନିମନ୍ତେ ଆସିଗଲେ ଏବଂ ପରସ୍ପର ଉପରେ ପ୍ରହାର କରିବାକୁ ଲାଗିଲେ । ମରହ୍‌ବ୍ ଖଡ଼୍‌ଗ ପ୍ରହାର କଲା ଯାହାକୁ ହ. ଆମିର୍ ର.ଅ ନିଜର ଢାଲ ଉପରେ ବା ଢାଲ ଦ୍ୱାରା ଅଟକାଇଲେ ଏବଂ ତୁରନ୍ତ ଆନତ ହୋଇ ତଳୁ ତା' ଉପରେ ପ୍ରହାର କଲେ । କିନ୍ତୁ ଯେହେତୁ ତାଙ୍କର ଖଡ଼୍‌ଗ ଛୋଟ ଥିଲା ତେଣୁ ତାକୁ ବାଜିବା ପରିବର୍ତ୍ତେ ହ. ଆମିର୍ ର.ଅଙ୍କ ଖଡ଼୍‌ଗ ତାଙ୍କୁ ହିଁ ବାଜିଗଲା । ଫଳତଃ ତାଙ୍କୁ ଏକ ଗଭୀର ଆଘାତ ଲାଗିଲା ଏବଂ ତାଙ୍କର ଶାହଦତ୍ ( ସେ ବୀରଗତି ପ୍ରାପ୍ତ କଲେ) ହୋଇଗଲା । ହ. ଆମିର୍ ର.ଅ ସେହି ଯୁଦ୍ଧର ଦ୍ୱିତୀୟ ଶହୀଦ୍ ଥିଲେ । ଦୁହିଁଙ୍କୁ ଗୋଟିଏ କବର ମଧ୍ୟରେ କବର ଦିଆଯାଇଥିଲା । ଅର୍ଥାତ୍ ରଜିଇ ନାମକ ସ୍ଥାନରେ ସେମାନଙ୍କୁ କବର ଦିଆଯଇଥିଲା । **(ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-388,389, ବଜମେ ଇକ୍‌ବାଲ୍, ଲାହୋର୍)**

ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ବର୍ଣ୍ଣନା କରନ୍ତି ଯେ, ମୋର ଚଚା ହ. ଆମିର୍ ବିନ୍ ଅକୱା ର.ଅ ଯେତେବେଳେ ନିଜ ହାତରେ ନିଜେ ଶହୀଦ୍ ହୋଇଗଲେ ସେତେବେଳେ କେତେକ ସାହାବାମାନେ କହିବାକୁ ଲାଗିଲେ ଯେ, ଆମିର୍‌ର କର୍ମ ସବୁ ନଷ୍ଟ ହୋଇଗଲା । ସୁତରାଂ ହ. ସଲ୍‌ମା ର.ଅ କୁହନ୍ତି ଯେ, ମୁଁ ଉକ୍ତ କଥା ଶୁଣି ନବୀ କରୀମ୍ ସ.ଅଙ୍କ ନିକଟକୁ କାନ୍ଦି କାନ୍ଦି ଆସିଲି ଏବଂ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମିରଙ୍କ କର୍ମ ସବୁ କ୍ଷୟ ବା ନଷ୍ଟ ହୋଇଗଲା କି ? ରସୁଲୁଲ୍ଲାଃ ସ.ଅ କହିଲେ, ଏକଥା କିଏ କହିଲା ଯେ, ଆମିର୍‌ଙ୍କ ସମସ୍ତ କର୍ମ କ୍ଷୟ ହୋଇଗଲା ? ପ୍ରତ୍ୟୁତ୍ତରରେ ହ. ସଲ୍‌ମା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଏକଥା ଆପଣ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସ.ଅଙ୍କ ସାହାବାମାନେ କହୁଛନ୍ତି । ଆପଣ ସ.ଅ କହିଲେ, كَذَبَ مَنْ قَالَهُ، إِنَّ لَهُ لَأَجْرَيْنِ - وَجَمَعَ بَيْنَ إِصْبَعَيْهِ - إِنَّهُ لَجَاهِدٌ مُجَاهِدٌ، قَلَّ عَرَبِيٌّ مَشَى بِهَا مِثْلَهُ- ଅର୍ଥାତ୍ ଯେଉଁ ବ୍ୟକ୍ତି ବି ଏକଥା କହିଛି ସେ ଭୁଲ କଥା କହିଛି । ଆମିର୍ ର.ଅଙ୍କ ନିମନ୍ତେ ଦୁଇଟି ପ୍ରତିଫଳ ନିୟତ ରହିଛି । ଆପଣ ସ.ଅ ଦୁଇଟି ଆଙ୍ଗୁଠିକୁ ଏକତ୍ରିତ କଲେ ଏବଂ ଦୁଇଟି ଆଙ୍ଗୁଠିକୁ ଗଣିବା ନିମନ୍ତେ ଏକତ୍ରିତ କଲେ ଓ କହିଲେ, ହ. ଆମିର୍ ତ' ଜଣେ ମହାନ ଜିହାଦ୍‌କାରୀ ବ୍ୟକ୍ତି ଅଟନ୍ତି । ତାଙ୍କ ପରି ବୀର ଯୋଦ୍ଧା ଖୁବ୍ କ୍ୱଚିତ୍ ବ୍ୟକ୍ତି ଆରବ୍ୟ ଭୂଖଣ୍ଡରେ ଚାଲିଥିବେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, 'ଚାଲିଥିବ' ସ୍ଥାନରେ 'ଜନ୍ମ ଗ୍ରହଣ କରିଥିବ' ଅର୍ଥାତ୍ ଆମିର୍ ର.ଅଙ୍କ ପରି ବ୍ୟକ୍ତି ସମଗ୍ର ଆରବ୍ୟ ଦେଶରେ ଜନ୍ମ ଗ୍ରହଣ କରି ନାହିଁ । ଆପଣ ସ.ଅ କହିଲେ, ଆମିର୍ ତ' 2 ଟି ପ୍ରତିଫଳ ପ୍ରାପ୍ତ କରିଛନ୍ତି । ଯେଉଁ ଲୋକମାନେ ଏକଥା କହୁଛନ୍ତି ଯେ, ହ. ଆମିର୍ ର.ଅଙ୍କୁ ପୁଣ୍ୟ ମିଳି ନାହିଁ ସେମାନେ ଭୁଲ୍ କଥା କହୁଛନ୍ତି । **(ସହି ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)-ଗଜ୍‌ୱା ଖୈବର, ହଦିସ୍ ସଂଖ୍ୟା-4196)**

ରସୁଲୁଲ୍ଲାଃ ସ.ଅ ରଜିଇ ନାମକ ସ୍ଥାନରେ ଅବସ୍ଥାନ କରିଥିଲେ ଏବଂ ନାଏମ୍ ନାମକ ଦୁର୍ଗକୁ ଜୟ କରିବା ନିମନ୍ତେ 10 ଦିନ ପର୍ଯ୍ୟନ୍ତ ଅହରହ ଭାବରେ ସାହାବାମାନଙ୍କୁ ପ୍ରେରଣ କରାଯାଉଥିଲା । ବାରମ୍ବାର ଅକୃତକାର୍ଯ୍ୟ ତଥା ଅସଫଳତା ଏବଂ ସାହାବାମାନଙ୍କ ଆହତ ହେବା ଓ ଦୁଇ ଜଣ ସାହାବାଙ୍କ ଶାହାଦତ୍ (ବୀରଗତି ପ୍ରାପ୍ତ କରିବା ହେତୁ) ଇହୁଦୀମାନଙ୍କର ମନୋବଳ ଆହୁରି ବୃଦ୍ଧି ପାଇଥିଲା । ପରିଶେଷରେ ଏକ ରାତ୍ରରେ ଆପଣ ସ.ଅ କହିଲେ, "କାଲି ମୁଁ ସେହି ବ୍ୟକ୍ତି ହସ୍ତରେ ଧ୍ୱଜା ପ୍ରଦାନ କରିବି ଯେଉଁ ବ୍ୟକ୍ତି ହସ୍ତରେ ଅଲ୍ଲାଃତାଲା ଆମକୁ ବିଜୟ ପ୍ରଦାନ କରିବେ । ସେହି ବ୍ୟକ୍ତି ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ପ୍ରେମ କରେ ।" ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ ।

ହ. ବୁରିଦା ର.ଅ ବର୍ଣ୍ଣନା କରନ୍ତି ଯ, "ଆମେମାନେ ସେହି ରାତ୍ର ଅତ୍ୟନ୍ତ ଆନନ୍ଦରେ ଅତିବାହିତ କଲୁ ଯେ, କାଲି ବିଜୟ ହୋଇଯିବ ଏବଂ ଲୋକମାନେ ଉକ୍ତ କଥା ଭାବି ଭାବି ରାତ୍ର ଅତିବାହିତ କରିଦେଲେ ଯେ, କାଲି କାହାକୁ (କେଉଁ ବ୍ୟକ୍ତିକୁ) ଧ୍ୱଜା ପ୍ରଦାନ କରାଯିବ (ମିଳିବ) ? ପୁନଶ୍ଚ ଯେତେବେଳେ ସକାଳ ହେଲା ସେତେବେଳେ ସମସ୍ତ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ। ପ୍ରତ୍ୟେକ ବ୍ୟକ୍ତି ଆଶା କରୁଥିଲା କି ଧ୍ୱଜା ତା'କୁ ମିଳିବ । ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେଦିନ ପୂର୍ବରୁ କେବେ ବି ସେନାପତିତ୍ୱ ପଦ ପସନ୍ଦ (ଆଶା) କରି ନଥିଲି । ହ. ବୁରିଦା ର.ଅ ବର୍ଣ୍ଣନା କରନ୍ତି ଯେ, ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ଠାରୁ କୌଣସି ପଦ କିମ୍ବା ମର୍ଯ୍ୟାଦା ପ୍ରାପ୍ତିର ଆଶା କରି ନଥିଲା। କିନ୍ତୁ ଆଜି ପ୍ରତ୍ୟେକ ବ୍ୟକ୍ତି ଏହି ଆଶା କରୁଥିଲା ଯେ, ତା'କୁ ଧ୍ୱଜା ପ୍ରାପ୍ତ ହେଉ । ଏପର୍ଯ୍ୟନ୍ତକି ମୁଁ ଗୋଇଠିକୁ ଟେକି ଏବଂ ମୁଣ୍ଡ ଉପରକୁ କଲି । କାରଣ ସମ୍ଭବତଃ ଆଜି ମୋତେ ଧ୍ୱଜା ପ୍ରଦାନ କରାଯିବ । ହ. ସଲ୍‌ମା ର.ଅ ଏବଂ ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ର.ଅ ରସୁଲ୍ଲାଃ ସ.ଅଙ୍କ ଠାରୁ ପଛରେ ରହି ଯାଇଥିଲେ । ଖୈବର୍ ଯାତ୍ରା ସମୟରେ ଅସୁସ୍ଥତା ଏବଂ ରୋଗ ଯୋଗୁଁ ହ. ଅଲୀ ର.ଅ ସାଙ୍ଗରେ ଆସିପାରି ନଥିଲେ । କିନ୍ତୁ ପରେ ବ୍ୟସ୍ତ ବିବ୍ରତ ଓ ଅଧୀର ହୋଇ ଚାଲି ଆସିଲେ । କାରଣ ହ. ଅଲୀ ର.ଅଙ୍କ ଚକ୍ଷୁ ବ୍ୟଥା ହେଉଥିଲା । ତାଙ୍କୁ କିଛି ଦେଖାଯାଉ ନଥିଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଖୈବର ନିମନ୍ତେ ପ୍ରସ୍ଥାନ କଲେ ସେତେବେଳେ ହ. ଅଲୀ ର.ଅ ଭାବିଲେ ଯେ, ଏହା କିପରି ସମ୍ଭବ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ପଛରେ ରହିଯିବି ? ହ. ଅଲୀ ର.ଅ ମଧ୍ୟ ଆଁହଜରତ ସ.ଅଙ୍କ ପଛେ ପଛେ ବାହାରି ପଡ଼ିଲେ । ଏପର୍ଯ୍ୟନ୍ତକି ହ. ଅଲୀ ର.ଅ ଆଁହଜରତ ସ.ଅଙ୍କ ସହିତ ଯାଇ ମିଶିଗଲେ । ହ. ବୁରିଦା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ସକାଳ କଲେ ସେତେବେଳେ ଆପଣ ସ.ଅ ସକାଳ ନମାଜ ପାଠ କଲେ । ପୁନଶ୍ଚ ଆପଣ ସ.ଅ ଧ୍ୱଜା ମଗେଇଲେ ଓ ଛିଡ଼ା ହୋଇ ପଡ଼ିଲେ । ଆପଣ ସ.ଅ ଛିଡ଼ା ହୋଇ ଲୋକମାନଙ୍କୁ ଉପଦେଶ ଦେଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ହ. ଅଲୀ ର.ଅ କେଉଁଠି ଅଛନ୍ତି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ହ. ଅଲୀ ର.ଅଙ୍କ ଚକ୍ଷୁ ବହୁତ କଷ୍ଟ ହେଉଛି । ଆପଣ ସ.ଅ କହିଲେ, ଅଲୀଙ୍କୁ ଡାକ! ହ. ସଲ୍‌ମା ର.ଅ୍ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ଅଲୀ ର.ଅଙ୍କୁ ଡାକି ଆଣିଲେ। ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ ! ତୁମର କ'ଣ ହୋଇଛି? ହ. ଅଲୀ ର.ଅ କହିଲେ, ମୋଚକ୍ଷୁରେ ବ୍ୟଥା ହେଉଛି । ଏହି ବ୍ୟଥା ଏବଂ କଷ୍ଟ ଯୋଗୁଁ ମୁଁ ନିଜ ସମ୍ମୁଖରେ ଥିବା ବସ୍ତୁକୁ ମଧ୍ୟ ଦେଖିବାକୁ ସକ୍ଷମ ହୋଇପାରୁ ନାହିଁ। ଆପଣ ସ.ଅ କହିଲେ, ହେ ଅଲୀ ! ତୁମେ ମୋ ପାଖକୁ ଆସ । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି, ମୁଁ ନିଜର ମୁଣ୍ଡ ଆପଣ ସ.ଅଙ୍କ କୋଳରେ ରଖିଲି । ପୁନଶ୍ଚ ଆପଣ ସ.ଅ ନିଜ ହାତରେ ପବିତ୍ର ଲାଳ ନେଲେ ଏବଂ ମୋ ଚକ୍ଷୁରେ ଲଗାଇଦେଲେ । ହ. ଅଲୀ ର.ଅ ଏପରି ସୁସ୍ଥ ହୋଇଗଲେ ଯେପରିକି ଆପଣ ର.ଅଙ୍କ ଚକ୍ଷୁରେ କେବେ ବି କୌଣସି ପୀଡ଼ା ବା ବ୍ୟଥା ହୋଇ ନଥିଲା । ଅର୍ଥାତ୍ ହ. ଅଲୀ ର.ଅ ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲେ । ପୁନଶ୍ଚ ମୃତ୍ୟୁ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ଚକ୍ଷୁରେ କୌଣସି ଦୁଃଖ କଷ୍ଟ ହେଲା ନାହିଁ । ଆଁହଜରତ ସ.ଅ ହ. ଅଲୀ ର.ଅଙ୍କ ନିମନ୍ତେ ଦୁଆ କଲେ ଏବଂ ତାଙ୍କୁ ଧ୍ୱଜା ପ୍ରଦାନ କଲେ ।" **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-115, 125, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଦାଏରା ମାଆରିଫ୍, ସିରତୁନ୍ ନବୀ ସ.ଅ, ଭାଗ-8, ପୃ-390 ବଜ୍‌ମେ ଇକ୍‌ବାଲ୍, ଲାହୋର୍)(ସହି ବୁଖାରୀ କିତାବୁଲ୍ ମୁଗାଜି, ବାବ୍ (ଅଧ୍ୟାୟ)-ଗଜ୍‌ୱା ଖୈବର, ହଦିସ୍ ସଂଖ୍ୟା-4209)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣାର ଚର୍ଚ୍ଚା କରି କୁହନ୍ତି: "ଖୈବର୍ ଦିନ ହ. ଅଲୀ ର.ଅଙ୍କୁ ସୁଯୋଗ ମିଳିଲା । ରସୁଲ୍ କରୀମ୍ ସ.ଅ କହିଲେ, ଆଜି ତା'କୁ (ହ. ଅଲୀ ର.ଅଙ୍କୁ) ମୁଁ ସୁଯୋଗ ପ୍ରଦାନ କରିବି ଯିଏ ଅଲ୍ଲାଃତାଲାଙ୍କୁ ଭଲ ପାଏ ଏବଂ ଈଶ୍ୱର ମଧ୍ୟ ତା'କୁ ଭଲ ପାଆନ୍ତି । ଆଜି ମୁଁ ସେହି ବ୍ୟକ୍ତିକୁ ଖଡ଼୍‌ଗ ହସ୍ତାନ୍ତରେ କରିବି ଯାହାକୁ ଅଲ୍ଲାଃତାଲା ଶ୍ରେଷ୍ଠତ୍ୱର ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ହ. ଉମର୍ ର.ଅ କୁହନ୍ତି ଯେ, ମୁଁ ସେହି ସଭାରେ ଉପସ୍ଥିତ ଥିଲି ଏବଂ ନିଜର ମୁଣ୍ଡକୁ ଉଚ୍ଚ କରିବାକୁ ଚେଷ୍ଟା କରୁଥିଲେ ଯେ, ସମ୍ଭବତଃ ରସୁଲ୍ କରୀମ୍ ସ.ଅ ମୋତେ ଦେଖିନେବେ ଏବଂ ଧ୍ୱଜା ମୋତେ ପ୍ରଦାନ କରିବେ । କିନ୍ତୁ ଆପଣ ସ.ଅ ମୋତେ ଦେଖୁଥିଲେ ଏବଂ ନୀରବ ରହୁଥିଲେ । ମୁଁ ପୁନଶ୍ଚ ନିଜର ମୁଣ୍ଡ ଉପରକୁ କରୁଥିଲି ଏବଂ ଆପଣ ସ.ଅ ପୁନଶ୍ଚ ମୋତେ ଦେଖି ନୀରବ ରହୁଥିଲେ । ଏପର୍ଯ୍ୟନ୍ତକି ହ. ଅଲୀ ର.ଅ ଆସିଲେ ଏବଂ ତାଙ୍କ ଆଖିରେ ଭୀଷଣ ଯନ୍ତ୍ରଣା ହେଉଥିଲା । ରସୁଲ୍ କରୀମ୍ ସ.ଅ କହିଲେ, ହେ ଅଲୀ ! ଆଗକୁ ଆସ । ହ. ଅଲୀ ର.ଅ ଆପଣ ସ.ଅଙ୍କ ପାଖରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ନିଜ ପାଟିରୁ ପବିତ୍ର ଲାଳ ତାଙ୍କ ଚକ୍ଷୁରେ ଲଗାଇ ଦେଲେ ଏବଂ ତତ୍‌ସହିତ ଆପଣ ସ.ଅ କହିଲେ, ଅଲ୍ଲାଃତାଲା ତୁମ୍ଭର ଚକ୍ଷୁକୁ ଆରୋଗ୍ୟ ଲାଭ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଉକ୍ତ ଖଡ଼୍‌ଗକୁ ତୁମ୍ଭକୁ ହସ୍ତାନ୍ତର କରିଛନ୍ତି ।" **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-19, ପୃ-614)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଅନ୍ୟ ଏକ ସ୍ଥାନରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ଦିନେ ରସୁଲୁଲ୍ଲାଃ ସ.ଅଙ୍କୁ ଅଲ୍ଲାଃତାଲା କହିଲେ ଯେ, ଈଶ୍ୱର ଉକ୍ତ ସହରର ଜୟ ହେବା ହ. ଅଲୀ ର.ଅଙ୍କ ହସ୍ତରେ ହିଁ ନିୟତିକୃତ କରି ଦେଇଛନ୍ତି । ଆପଣ ସ.ଅ ସକାଳ ସମୟରେ ଉକ୍ତ ଘୋଷଣା କଲେ ଯେ, ''ମୁଁ ଇସ୍‌ଲାମ୍ ଧର୍ମର କୃଷ୍ଣ (କଳା) ବର୍ଣ୍ଣର ଧ୍ୱଜା ଏହି ବ୍ୟକ୍ତି ହସ୍ତରେ ପ୍ରଦାନ କରିବି ଯାହାକୁ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହ ଓ ମୁସଲମାନମାନେ ଭଲ ପାଆନ୍ତି । ଈଶ୍ୱର ଉକ୍ତ ଦୁର୍ଗର ବିଜୟ ଉକ୍ତ ବ୍ୟକ୍ତି ହସ୍ତରେ ହିଁ ନିୟତିକୃତ କରିଛନ୍ତି ।'' ଏତଦ୍‌ପରେ ପରବର୍ତ୍ତୀ ଦିନ ସକାଳେ ଆପଣ ସ.ଅ ହ. ଅଲୀ ର.ଅଙ୍କୁ ଡ଼ାକାଇଲେ ଏବଂ ଧ୍ୱଜା ତାଙ୍କୁ ହସ୍ତାନ୍ତର କଲେ ।"

ଯିଏ ସାହାବାମାନଙ୍କୁ ସାଙ୍ଗରେ ଧରି ଇହୁଦୀମାନଙ୍କ ଦୁର୍ଗ ଉପରେ ଆକ୍ରମଣ କରିଥିଲେ ଏବଂ ଇହୁଦୀମାନେ ଦୁର୍ଗରେ ନିଜକୁ ରୁଦ୍ଧ (ବନ୍ଦ) ରଖିବା ସତ୍ତ୍ୱେ ଅଲ୍ଲାଃତାଲା ହ. ଅଲୀ ର.ଅ ଏବଂ ଅନ୍ୟ ସାହାବାମାନଙ୍କୁ ସେହି ଦିନ ଏପରି ଶକ୍ତି ପ୍ରଦାନ କଲେ ଯେ, ସନ୍ଧ୍ୟା ପୂର୍ବରୁ ହିଁ ଦୁର୍ଗକୁ ଜୟ କରି ନିଆଗଲା । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-325-326)**

ହ. ଅଲୀ ର.ଅ ଦଉଡ଼ି ଆସି ଉକ୍ତ ଧ୍ୱଜାକୁ ନେଇ ସେହି ଦୁର୍ଗ ତଳେ ପହଞ୍ଚିଲେ ଏବଂ ଧ୍ୱଜାକୁ ପଥର ମଝିରେ ଛିଡ଼ା କରିଦେଲେ ।

**(ସିରତ୍ ଇବ୍‌ନେ ହିସ୍ଶାମ୍, ପୃ-697, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର ଅ.ବ କହିଲେ, ପୁନଶ୍ଚ ଶତ୍ରୁମାନଙ୍କ ସଂହାର ସଂକ୍ରାନ୍ତରେ ଚର୍ଚ୍ଚା ମିଳେ । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଖୈବର୍‌ର ଦୁର୍ଗମାନଙ୍କ ମଧ୍ୟରୁ ସର୍ବ ପ୍ରଥମେ ମର୍‌ହବ୍‌ର ଭାଇ ହାରିସ୍ ଯୁଦ୍ଧ ନିମନ୍ତେ ବାହାରିଲା । ହ. ଅଲୀ ର.ଅ ତା'କୁ ବଧ କରିଦେଲେ । ତେବେ ହାରିସ୍‌ର ସାଥିମାନେ ଦୁର୍ଗ ମଧ୍ୟକୁ ଫେରିଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଇହୁଦୀ ଜେନେରାଲ୍ (ସେନାପତି) ଆମିର୍‌ର ବଧ ସଂପର୍କରେ ଚର୍ଚ୍ଚା ରହିଛି । ଆମିର୍ ଯେତେବେଳେ ଯୁଦ୍ଧ ନିମନ୍ତେ ଦୁର୍ଗ ମଧ୍ୟରୁ ବାହାରକୁ ଆସିଲା ସେତେବେଳେ ସେ ହୃଷ୍ଟପୁଷ୍ଟ ବ୍ୟକ୍ତି ଥିଲା । ହ. ଅଲୀ ର.ଅଙ୍କ ସହିତ ଯେତେବେଳେ ମୁକାବିଲା କରିବା ନିମନ୍ତେ ବାହାରିଲା ସେତେବେଳେ ହ. ଅଲୀ ର.ଅ ତା' ଉପରେ ଅନେକ ପ୍ରହାର କରିଥିଲେ । କିନ୍ତୁ ହ. ଅଲୀ ର.ଅଙ୍କ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କୌଣସି ପ୍ରହାର ଫଳପ୍ରଦ ସାବ୍ୟସ୍ତ ହେଲା ନାହିଁ । ପୁନଶ୍ଚ ହ. ଅଲୀ ର.ଅ ଆମିର୍ର ଗୋଇଠି ଉପରେ ଯେତେବେଳେ ପ୍ରହାର କଲେ ସେତେବେଳେ ଆମିର୍ ବସି ପଡ଼ିଲା । ଆପଣ ର.ଅ ଆମିର୍କୁ ବଧ କରିଦେଲେ ଏବଂ ତା'ର ଅସ୍ତ୍ରଶସ୍ତ୍ର ତା' ଠାରୁ ଛିନ (ଛଡ଼ାଇ ନେଇଥିଲେ) କରି ନେଇଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-125, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପରେ ଇହୁଦୀ ସେନାପତି ଉସୈର୍‌ର ବଧ ହେବା ସଂପର୍କରେ ଘଟଣା ରହିଛି । ଆଉ ଜଣେ ଇହୁଦୀ ସେନାପତି ଯାହାର ନାମ ଉସୈର୍ ଥିଲା । ସେ ଯେତେବେଳେ ଯୁଦ୍ଧ କରିବା ନିମନ୍ତେ ମୁସଲମାନମାନଙ୍କୁ ଆମନ୍ତ୍ରିତ କଲା ଓ ଦୁର୍ଗ ମଧ୍ୟରୁ ବାହାରକୁ ବାହାରିଲା ସେତେବେଳେ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ ତା' ବିପକ୍ଷରେ ବାହାରିଲେ ଏବଂ ତା'ର ବଧ କରିଦେଲେ। **(ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-1, ପୃ-311, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏତଦ୍‌ପରେ ମରହବ୍‌ର ଭାଇ ୟାସିର୍ ବଧ ହୋଇଥିଲା । ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ପୁନଶ୍ଚ ୟାସିର୍ ପ୍ରକଟ ହେଲା ଯେକି ମର୍‌ହବର ଭାଇ ଥିଲା । ସେ ମଧ୍ୟ ଯୁଦ୍ଧ କରୁଥିଲା । ମୁହମ୍ମଦ ବିନ୍ ଉମର୍ ଉଲ୍ଲେଖ କରନ୍ତି ଯେ, ୟାସିର୍ ସେହି ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ଶକ୍ତିଶାଳୀ ଓ ବଳବାନ୍ ବ୍ୟକ୍ତି ଥିଲା । ତା' ପାଖରେ ଯୁଦ୍ଧାସ୍ତ୍ର ଥିଲା । ଯେଉଁ ଅସ୍ତ୍ର ମାଧ୍ୟମରେ ସେ ଲୋକମାନଙ୍କୁ ଦଳି ଦେଉଥିଲା । ୟାସିର୍‌ର ମୁକାବିଲା ନିମନ୍ତେ ହ. ଅଲୀ ର.ଅ ବାହାରିଲେ । ହ. ଜୁବୈର୍ ବିନ୍ ଅୱାମ୍ ର.ଅ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ! ଆପଣ ମୋ ମଧ୍ୟରେ ଏବଂ ୟାସିର୍ ମଧ୍ୟରେ ଛିଡ଼ା (ବାଧା) ହୁଅନ୍ତୁ ନାହିଁ। ହ. ଜୁବୈର୍ ର.ଅ କହିଲେ, ହେ ଅଲୀ ! ମୁଁ ୟାସିର୍ ସହିତ ଲଢ଼ିବି । ହ. ଅଲୀ ର.ଅ ପଛକୁ ହଟିଗଲେ । ଯେତେବେଳେ ହ. ଜୁବୈର୍ ର.ଅ ସେହି ଅବିଶ୍ୱାସକାରୀ ଆଡ଼କୁ ବାହାରିଲେ ସେତେବେଳେ ତାଙ୍କର ମାତାଶ୍ରୀ ହ. ସଫିୟା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ୟାସିର୍ ମୋ ପୁତ୍ରକୁ ବଧ କରିଦେବ । ରସୁଲୁଲ୍ଲାଃ ସ.ଅ କହିଲେ, ନା ହେ ମାତା ! ଆପଣଙ୍କ ପୁତ୍ର ହିଁ ୟାସିର୍‌କୁ **ଇନ୍‌ଶାଅଲ୍ଲାଃ** ବଧ କରିଦେବ । ହ. ଜୁବୈର୍ ର.ଅ ତା' ଆଡ଼କୁ ଗଲେ ଏବଂ କେତେକ କବିତା କହିଲେ, ପୁନଶ୍ଚ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ହ. ଜୁବୈର୍ ର.ଅ ୟାସିର୍‌କୁ ବଧ କରିଦେଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-125-126, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନିହିଶ୍ଶାମ୍, ପୃ-696, ପ୍ରକାଶନ ସ୍ଥାନ-ଦାରୁଲ୍ ମାଆର୍ଫା, ବୈରୁତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଖୈବର୍‌ବାସୀଙ୍କ ସବୁଠୁ ବୀର ଯୋଦ୍ଧା ବ୍ୟକ୍ତି ମର୍‌ହବ୍ ନିଜର ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ଦୁର୍ଗ ବାହାରକୁ ବାହାରିଲା ଏବଂ ଏହି କବିତା ପାଠ କରିବାକୁ ଲାଗିଲା ଯାହାକୁ ସେ ପୂର୍ବେ ମଧ୍ୟ ପାଠ (ପଢ଼ିଥିଲା) କରିଥିଲା:-

قَدْ عَلِمَتْ خَيْبَرُ أَنِّي مَرْحَبُ
شَاكِي السِّلَاحِ بَطَلٌ مُجَرَّبُ
إِذَا الْحُرُوبُ أَقْبَلَتْ تَلَهَّبُ

ଅର୍ଥାତ୍ ଖୈବର (ବାସୀ ଜାଣନ୍ତି) ଜାଣେ ଯେ, ମୁଁ ମରହବ୍ ଅଟେ । ସଶସ୍ତ୍ରଧାରୀ, ବୀର, ସାହସୀ, ଅଭିଜ୍ଞ ବ୍ୟକ୍ତି ଅଟେ । ଅପରପକ୍ଷେ ଯୁଦ୍ଧର ବହ୍ନି (ଅଗ୍ନି) ପ୍ରଜ୍ୱଳିତ କରି ଚାଲି ଆସିଲା । ଏହାର ବିପରୀତରେ ହ. ଅଲୀ ବିନ୍ ତାଲି ର.ଅ ବାହାରିଲେ ଏବଂ ସେ ନାଲି ରଙ୍ଗର ଏକ ପୋଷାକ ପରିଧାନ (ପିନ୍ଧିଥିଲେ) କରିଥିଲେ । ଆପଣ ର.ଅ ଖଡ୍‌ଗ ବାହାର କଲେ ଏବଂ ନିମ୍ନୋକ୍ତ କବିତା କହିଲେ :-

أَنَا الَّذِي سَمَّتْنِي أُمِّي حَيْدَرَهْ
كَلَيْثِ غَابَاتٍ كَرِيْهِ الْمَنْظَرَهْ
أُوفِيهِمُ بِالصَّاعِ كَيْلَ السَّنْدَرَهْ

ଅର୍ଥାତ୍ ମୁଁ ହେଉଛି ସେହି ବ୍ୟକ୍ତି ଯାହାର ନାମ ମୋ ମାତା ହୈଦର୍ ବୋଲି ନାମକରଣ କରିଛନ୍ତି । ଅତି ଭୟଙ୍କର ମୁଖାକୃତି ସିଂହ ପରି ଅଟେ ଯେଉଁ ସିଂହ ଜଙ୍ଗଲରେ ଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ଏକ ପ୍ରବାଦ ଯାହାର ଭାବାର୍ଥ ଏହିପିର ଯେ, ସେର୍ (ମାପକ) ତୁଳନାରେ ଏକ ଚତୁର୍ଥାଂଶ ସେର୍ କିମ୍ବା ଇଟାର ଉତ୍ତର ପଥର ଦ୍ୱାରା । ସନ୍ଦ୍ରାହ୍‌ର ଶାବ୍ଦିକ ଅର୍ଥ ମିକ୍‌ୟାଲ୍ ୱାସିଅ । ଅର୍ଥାତ୍ ଅତି ବୃହତ୍ ମାପକ ଅଟେ ଯାହା ସାଅ ଠାରୁ କିଛି କମ୍ ହୋଇଥାଏ । ଅର୍ଥାତ୍ ଅଢେଇ ସେର୍ ତୁଲ୍ୟ । ସେ କୁହନ୍ତି, ହ. ଅଲୀ ର.ଅ ମର୍‌ହବ୍‌ର ମୁଣ୍ଡ ଉପରେ ପ୍ରହାର କଲେ ଏବଂ ତା'କୁ ବଧ କରିଦେଲେ । ପୁନଶ୍ଚ ଏତଦ୍‌ପରେ ତାଙ୍କ ହସ୍ତରେ ଇହୁଦୀମାନଙ୍କର ଦୁର୍ଗ ଜୟ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-126-127, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ସହି ମୁସ୍‌ଲିମ୍ (ଅନୁବାଦକ) କିତାବୁଲ୍ ଜାହିଦ୍ ୱସ୍ ସୈର୍, ବାବ୍-ଗଜ୍‌ୱା ଜି କର୍ଦ୍ଦ ୱଗୈରହା, ହଦିସ୍-240, ପୃ-9, ନୁର୍ ଫାଉଣ୍ଡେସନ୍) (ଲୁଗାତୁଲ୍ ହଦିସ୍ ଭାଗ-4, ପୃ-487, "ୱସକ୍", ଭାଗ-2, ପୃ-648, "ସାଅ" ନାଶିର୍ ନୁମାନୀ କୁତୁବ୍ ଖାନା, ଲାହୋର, 2005 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅଲୀ ର.ଅ ଆଗକୁ ଅଗ୍ରସର ହୋଇ ମର୍‌ହବ୍ ଉପରେ ପ୍ରହାର କଲେ । ଏହି ଆକ୍ରମଣ ମର୍‌ହବ୍‌ର ଲୌହ ମୁକୁଟକୁ ବିଦୀର୍ଣ୍ଣ (ଚିରି) ତା' ଦାନ୍ତ ପର୍ଯ୍ୟନ୍ତ ପହଞ୍ଚିଗଲା। ପୁନଶ୍ଚ ଲୋକମାନେ ହ. ଅଲୀ ର.ଅଙ୍କ ସହିତ ବାହାରିଲେ । ଏପର୍ଯ୍ୟନ୍ତକି ଦୁର୍ଗକୁ ଆପଣ ର.ଅ ଜୟ କରିନେଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-126-127, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

କେତେକ ଜିବୀନ ଲେଖାଳୀମାନେ ବର୍ଣ୍ଣନା କରିଛନ୍ତି ଯେ, ମୁହମ୍ମଦ ବିନ୍ ମସ୍‌ଲମା ମର୍‌ହବ୍‌କୁ ହତ୍ୟା କରିଥିଲେ । ସୁତରାଂ ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲା ର.ଅ ବର୍ଣ୍ଣନା କରନ୍ତି ଯେ, ମର୍‌ହବ୍ ନିଜର ଅସ୍ତ୍ର ପରିଧାନ କରି ମୁକିବିଲା ନିମନ୍ତେ ଆମନ୍ତ୍ରିତ କରି ଦୁର୍ଗ ମଧ୍ୟରୁ ବାହାରକୁ ବାହାରିଲା ଏବଂ ଯୁଦ୍ଧ ଭିତ୍ତିକ କବିତା ଯେତେବେଳେ ପାଠ କରୁଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, କିଏ ସେ ବ୍ୟକ୍ତି ଯିଏ ମର୍‌ହବ୍‌ର ମୁକାବିଲା କରିବ (ମରହବ ସହିତ ଲଢ଼ିବ) ? ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ମର୍‌ହବ୍‌ର ମୁକାବିଲା କରିବି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! କାଲି ମର୍‌ହବ୍ ମୋ ଭାଇକୁ ଶହୀଦ୍ କରିଥିଲା। ଆପଣ ସ.ଅ କହିଲେ, ତେବେ ତା' ବିରୁଦ୍ଧରେ ଲଢ଼ିବା ନିମନ୍ତେ ଛିଡ଼ା ହୁଅ । ଆପଣ ସ.ଅ ପୁନଃ କହିଲେ, ହେ ଅଲ୍ଲାଃ ! ମୁହମ୍ମଦ୍ ବିନ ମସ୍‌ଲମାର ସାହାଯ୍ୟ କର । ବର୍ଣ୍ଣନା ରହିଛି ଯେ, ଯେତେବେଳେ ଦୁଇ ଜଣ ପରସ୍ପର ବିପକ୍ଷରେ ମୁକାବିଲା କରିବା ନିମନ୍ତେ ନିକଟବର୍ତ୍ତୀ ହେଲେ ସେତେବେଳେ ସେମାନଙ୍କ ମଧ୍ୟରେ ଏକ ପୁରୁଣା ବୃକ୍ଷ ଚାଲି ଆସୁଥିଲା । ଅର୍ଥାତ୍ ଛିଡ଼ା ହୋଇଯାଉଥିଲା । ଦୁହେଁ ବୃକ୍ଷର ଆଳରେ ପରସ୍ପର ଠାରୁ ବୃକ୍ଷ ଆଳରେ ଲୁଚିବାକୁ ଲାଗିଲେ । ଯେତେବେଳେ ଦୁହିଁଙ୍କ ମଧ୍ୟରୁ ଜଣେ ବୃକ୍ଷ ପଛ ପଟେ ଲୁଚି ଆଶ୍ରୟ ନେବାକୁ ଚେଷ୍ଟା କରୁଥିଲା ସେତେବେଳେ ଅନ୍ୟ ଜଣେ ବୃକ୍ଷକୁ କାଟି ପକାଉଥିଲା । ଏପର୍ଯ୍ୟନ୍ତକି ସେମାନେ ଦୁହେଁ ପରସ୍ପର ସମ୍ମୁଖକୁ ଆସିଗଲେ । ପୁନଶ୍ଚ ମର୍‌ହବ୍ ହ. ମୁହମ୍ମଦ ମସ୍‌ଲମା ର.ଅଙ୍କ ଉପରେ ଖଡ୍‌ଗ ପ୍ରହାର ଯେତେବେଳେ କଲା ସେତେବେଳେ ତାଙ୍କୁ ନିଜର ଢାଲ ବଞ୍ଚାଇ ନେଲା। ମର୍‌ହବ୍‌ର ଖଡ୍‌ଗ ଢାଲରେ ଫସିଗଲା ଏବଂ ଢାଲକୁ କାଟିଦେଲା । ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ମର୍‌ହବ୍‌କୁ ଖଡ୍‌ଗ ମାରି ବଧ କରିଦେଲେ । ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ମର୍‌ହବ୍ ଉପରେ ପ୍ରହାର କଲେ ଏବଂ ତା'ର ଗୋଡ଼ ଯେତେବେଳେ କାଟିଦେଲେ ସେତେବେଳେ ସେ ଭୂମିରେ ପଡ଼ିଗଲା । ପୁନଶ୍ଚ ହ. ଅଲୀ ର.ଅ ତା' (ମର୍‌ହବ୍) ନିକଟ ଦେଇ ଯେତେବେଳେ ଅତିକ୍ରମ କଲେ ସେତେବେଳେ ସେମାନେ ମର୍‌ହବ୍‌କୁ ବଧ କରିଦେଲେ ।

ବୁଖାରୀର ବ୍ୟାଖ୍ୟାକାର ହାଫିଜ୍ ଇବ୍‌ନେ ହଜର୍ ଉଲ୍ଲେଖ କରିଛନ୍ତି ଯେ, ଇବ୍‌ନେ ଇସ୍‌ହାକ୍, ମୁସା ବିନ୍ ଉକ୍‌ବା ୱାକିଦି ଏବଂ ଅନେକ ଜୀବନୀ ଲେଖାଳୀମାନେ ଉଲ୍ଲେଖ କରିଛନ୍ତି ଯେ, ମର୍‌ହବ୍‌କୁ ମୁହମ୍ମଦ୍ ବିନ୍ ମସ୍‌ଲମା ବଧ କରିଥିଲେ ମୁହମ୍ମଦ ବିନ୍ ମସ୍‌ଲମା ର.ଅ ମର୍‌ହବ୍‌ର ଭାଇ ହାରିସ୍‌କୁ ମଧ୍ୟ ବଧ କରିଥିଲେ କିନ୍ତୁ କେତେକ ବର୍ଣ୍ଣନାକାରୀମାନଙ୍କୁ ଦ୍ୱନ୍ଦ୍ୱ ହୋଇଗଲା ଏବଂ ସେମାନେ ହାରିସ୍ ବଦଳରେ ମର୍‌ହବ୍‌ର ନାମ ଉଲ୍ଲେଖ କରିଦେଲେ । ଯଦି ଘଟଣାକ୍ରମଟି ଏପରି ନୁହେଁ ତେବେ ଯାହା ସହି ମୁସ୍‌ଲିମ୍‌ରେ ବର୍ଣ୍ଣିତ ହୋଇଛି ଯେ, ହ. ଅଲୀ ମର୍‌ହବ୍‌କୁ ବଧ କରିଥିଲେ ତାହା ହିଁ ଠିକ୍ ଅଟେ । ସେ ଯାହା ହୋଇଯାଉ ନା କାହିଁକି ତାହା ଅନ୍ୟମାନଙ୍କ ତୁଳନାରେ ପ୍ରାଧାନ୍ୟ ଓ ବଳିଷ୍ଠ ଅଟେ । ସହି ମୁସ୍‌ଲିମ୍‌ରେ ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ର.ଅ ହିଁ ମର୍‌ହବ୍‌କୁ ବଧ କରିଥିଲେ । ସହି ମୁସ୍‌ଲିମ୍‌ର ବର୍ଣ୍ଣନା ଦୁଇଟି କାରଣରୁ ପ୍ରାଧାନ୍ୟ ଯୁକ୍ତ ଅଟେ । **ପ୍ରଥମତଃ-** ତାହା ପ୍ରାମାଣ୍ୟ ଦୃଷ୍ଟିରୁ ସଠିକ୍ ଅଟେ । **ଦ୍ୱିତୀୟତଃ-** ହ. ଜାବିର୍ ର.ଅ ଯିଏ ମୁହମ୍ମଦ୍ ମସ୍‌ଲମା ର.ଅ ସଂପର୍କିତ ହଦିସ୍ ବର୍ଣ୍ଣନା କରିଛନ୍ତି ଯେ, ସେ (ମୁହମ୍ମଦ୍ ବିନ୍ ମସ୍‌ଲମା) ଖୈବର୍ ଯୁଦ୍ଧରେ ଉପସ୍ଥିତ ନଥିଲେ ।

ଏଥି ସଂକ୍ରାନ୍ତରେ ଏହା ମଧ୍ୟ ସ୍ପଷ୍ଟ ହେଉ ଯେ, ମର୍ ହବ୍ ଓ ତା' ସହିତ ଥିବା ଅନ୍ୟ ଇହୁଦୀମାନଙ୍କର ଯୁଦ୍ଧ ଏବଂ ସଂହାରର ଘଟଣାବଳୀ ସଂପର୍କରେ ଇତିହାସ୍ ଏବଂ ଜୀବନୀ ପୁସ୍ତକମାନଙ୍କରେ ଏହି ମତଭେଦ ରହିଛି ଯେ, ଉପରୋକ୍ତ ଘଟଣାଟି କେଉଁ ଦୁର୍ଗରେ ହୋଇଥିଲା ? ବୁଖାରୀ, ମୁସ୍‌ଲିମ୍, ସିହା ସିତ୍ତା ଇତ୍ୟାଦି ହଦିସ୍ ପୁସ୍ତକମାନଙ୍କରେ ତ' କୌଣସି ଦୁର୍ଗର ନାମୋଲ୍ଲେଖ ହୋଇ ନାହିଁ । ସେହିପରି କେତେକ ଜୀବନୀ ପୁସ୍ତକର ଲେଖକମାନେ ଏହି ଘଟଣାବଳୀଗୁଡ଼ିକ ବର୍ଣ୍ଣନା କରି ଦେଇଛନ୍ତି । କିନ୍ତୁ କୌଣସି ଦୁର୍ଗ ବିଶେଷ ରୂପେ ଚିହ୍ନଟ କରି ନାହାନ୍ତି ଯେ, ମର୍‌ହବ୍‌କୁ ଅମକ ଦୁର୍ଗରେ ସଂହାର କରାଯାଇଥିଲା । ଯେପରିକି ସିରତ୍ ଇବ୍‌ନେ ହିଶ୍ଶାମ୍, ତବ୍‌କାତେ ଇବ୍‌ନେ ସାଆଦ୍, ଶରହୁଜ୍ ଜର୍କାନୀ ଇତ୍ୟାଦି ଇତିହାସବିତ୍ ଏବଂ ଜୀବନୀ ଲେଖାଳୀମାନେ କେତେକ ପୁସ୍ତକମାନଙ୍କରେ କମୁସ୍ ନାମକ ଦୁର୍ଗ ସଂପର୍କରେ ଘଟଣାବଳୀର ଚର୍ଚ୍ଚା କରିଛନ୍ତି ଏବଂ ଆଉ କେତେକ ପୁସ୍ତକମାନଙ୍କରେ ନାଏମ୍ ସଂପର୍କରେ ଚର୍ଚ୍ଚା କରାଯାଇଛି । ସେ ଯାହାହେଉ 9 ଦିନ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ.ଅ ମୁସଲମାନମାନଙ୍କ ସହିତ ମିଶି ଇହୁଦୀଙ୍କ ଦୁର୍ଗ ଉପରକୁ ଆକ୍ରମଣ କରୁଥିଲେ। ଏପର୍ଯ୍ୟନ୍ତକି 10ମ ଦିନରେ ଅଲ୍ଲାଃତାଲା ମୁସସଲମାନମାନଙ୍କୁ ଉକ୍ତ ଦୁର୍ଗ ଉପରେ ଅଧିକାର ପ୍ରଦାନ କରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲେ ଏବଂ ସେହି ଦୁର୍ଗ ମୁସଲମାନମାନ ହାତରେ ବିଜୟ ଲାଭ ହେଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-126-127, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଖୈବର୍ ଯୁଦ୍ଧ,**

**ଲେଖକ, ବାଶ୍‌ମିଲ୍ ସାହେବ, ପୃ-115-116, ନଫିସ୍ ଏକାଡ଼େମୀ କରାଚୀ) (ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-1, ପୃ-311, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଫତ୍‌ହୁଲ୍ ବାରି, ଭାଗ-7, ପୃ-608, ପ୍ରାଚୀନ ପୁସ୍ତକାଳୟ, ଆରାମ୍ ବାଗ୍)**

ମୁସଲମାନମାନଙ୍କ ଦୁର୍ଗ ନାଏମ୍ ଉପରେ ବିଜୟ ପ୍ରାପ୍ତ କରିବା ସଂପର୍କିତ ବର୍ଣ୍ଣନାରେ କେହି ଜଣେ ବି ଇତିହାସବିତ୍ ଉକ୍ତ କଥାର ଚର୍ଚ୍ଚା କରି ନାହିଁ ଯେ, ସେହି ଦୁର୍ଗର ବିଜୟ ସମୟରେ ଖୈବର୍‌ର ଯେଉଁ ସବୁଠୁ ମଜ୍‌ଭୁତ ଦୁର୍ଗ ରହିଥିଲା ସେହି ଦୁର୍ଗ ମଧ୍ୟରେ ଥିବା ଅନେକ ମାଲେ ଗନିମତ୍ (ଧନ ସମ୍ପଦ) ଏବଂ ଅନେକ ଅସ୍ତ୍ରଶସ୍ତ୍ର ଉପରେ ମୁସଲମାନମାନେ ଆଧିପତ୍ୟ ବିସ୍ତାର ଲାଭ କରିଥିଲେ । ସମ୍ଭବତଃ ମୁସଲମାନମାନଙ୍କୁ କୌଣସି ଚର୍ଚ୍ଚା ଯୋଗ୍ୟ ବସ୍ତୁ ସେଠାରେ ମିଳି ନଥିଲା। କାରଣ ଇହୁଦୀମାନେ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟି ରଖି ମହିଳା ଏବଂ ଛୋଟ ପିଲାମନାଙ୍କୁ ପୂର୍ବରୁ ହିଁ ଅନ୍ୟ ଦୁର୍ଗକୁ ସ୍ଥାନାନ୍ତରିତ କରି ଦେଇଥିଲେ । ଯେତେବେଳେ ଇହୁଦୀମାନେ ପରାସ୍ତ ହେଲେ ଏବଂ ନାଏମ୍ ଦୁର୍ଗ ଉପରେ ମୁସଲମାନମାନଙ୍କର ଆକ୍ରମଣ ରୋକିବାକୁ ଆଉ ସକ୍ଷମ ହୋଇ ପାରିଲେ ନାହିଁ ସେତେବେଳେ ସେମାନେ ମଧ୍ୟ ସ୍ୱୟଂ ଅତି ସୁବିଧା ଓ ସହଜତାର ସହିତ ସାଆବ୍ ବିନ୍ ମୁଆଜ୍ ଦୁର୍ଗକୁ ସ୍ଥାନାନ୍ତରିତ ହୋଇଗଲେ ଏବଂ ନାଏମ୍ ଦୁର୍ଗର ଯୁଦ୍ଧରେ ଗୋଟିଏ ଇହୁଦୀ ମଧ୍ୟ ମୁସଲମାନମାନଙ୍କ ହସ୍ତରେ ବନ୍ଦୀ ହେଲା ନାହିଁ । **(ଖୈବର୍ ଯୁଦ୍ଧ, ଲେଖକ, ବାଶ୍‌ମିଲ୍ ସାହେବ, ପୃ-131-129, ପ୍ରକାଶାନ ସ୍ଥାନ-ନଫିସ୍ ଏକାଡ଼େମୀ କରାଚୀରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାବଳୀ ଅର୍ଥାତ୍ ଦୁର୍ଗ ସଂପର୍କିତ ଅତିରିକ୍ତ ଘଟଣାବଳୀର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ସଂସାରର ପରିସ୍ଥିତି ସଂପର୍କରେ ମୁସଲମାନମାନଙ୍କ ପରିସ୍ଥିତି ସଂକ୍ରାନ୍ତରେ ମଧ୍ୟ ଅହେମଦିମାନଙ୍କୁ ଦୁଆ କରିବା ନିମନ୍ତେ କହିଥାଏ ଯେ, ଅହେମଦିମାନେ ଦୁଆ କରନ୍ତୁ । ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ବିଶେଷ କରି ଦୁଆ କରନ୍ତୁ ଏବଂ ମୁସଲମାନମାନଙ୍କ ନିମନ୍ତେ ମଧ୍ୟ ସାମୂହିକ ଦୁଆ କରନ୍ତୁ । ପ୍ରକାଶ୍ୟ ରୂପେ ପରିସ୍ଥିତିକୁ ଦେଖିଲେ ସେମାନେ ପ୍ରସନ୍ନ ଅଟନ୍ତି । ସମ୍ଭବତଃ ସିଜ୍‌ଫାୟାର (ceasefire) ହୋଇଗଲେ ତେବେ ପରିସ୍ଥିତି ଭଲ ହୋଇଯିବ, ନା । କିନ୍ତୁ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ନୂତନ ଆମେରିକୀୟ ରାଷ୍ଟ୍ରପତିଙ୍କ ପଲିସି (ନୀତି) ଏବଂ ସ୍କିମ୍ (ଯୋଜନା)ର ସୀମା ଲଂଘନ କରି ସାରିଛି । ପୂର୍ବେ ଆମେରକୀୟମାନେ କହୁଥିଲେ ଯେ, ଆମ ଦେଶ ପାଇଁ ବା ଆମ ଦେଶ ପ୍ରତି ବଡ଼ ବିପଦ ରହିଛି । ଅଲ୍ଲାଃତାଲା ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ସଂସାରବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସଂସାରବାସୀମାନେ ହିଂସା ଓ ଉପଦ୍ରବରୁ ସୁରକ୍ଷିତ ରୁହନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏବେ ବି ସମୟ ଅଛି ଆରବ ଦେଶମାନେ ନିଜର ଆଖି ଖୋଲନ୍ତୁ ଏବଂ ଏକତା ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଏହାଛଡ଼ା ଆଉ ଅନ୍ୟ କୌଣସି ଉପାୟ ନାହିଁ । ଅନ୍ୟଥା କେବଳ ପାଲେଷ୍ଟାଇନ୍ ନୁହଁ ବରଂ ଅନ୍ୟ ସମସ୍ତ ଆରବ୍ୟ ଦେଶମାନେ ମଧ୍ୟ ଭୟଙ୍କର ସମସ୍ୟା ଓ ବିପତ୍ତିର ସମ୍ମୁଖୀନ ହେବେ ।

ବର୍ତ୍ତମାନ କହିବାକୁ ଗଲେ କେତେକ ଅଣମୁସଲମାନମାନେ ମଧ୍ୟ ପାଲେଷ୍ଟାଇନ୍‌ବାସୀଙ୍କ ସପକ୍ଷରେ ଅଛନ୍ତି ଏବଂ ପାଲେଷ୍ଟାଇନ୍‌ବାସୀଙ୍କ ସପକ୍ଷରେ ଏବଂ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠିବାକୁ ଲାଗିଲାଣି (ସ୍ୱରୋତ୍ତୋଳନ ହେବାକୁ ଲାଗିଲାଣି) କିନ୍ତୁ ଯେଉଁ ରାଷ୍ଟ୍ର ବର୍ତ୍ତମାନ ସବୁଠୁ ଶକ୍ତିଶାଳୀ ଓ ଧନୀକ ଅଟେ ସେ ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ନିଜ ଶକ୍ତିର ନିଶାରେ ନିଶାସକ୍ତ ଅଟେ । ସେ କାହା କଥା କିଛି ଶୁଣିବାକୁ ଚାହୁଁ ନାହିଁ । ତେଣୁ ମୁସଲମାନମାନଙ୍କୁ ଅତ୍ୟଧିକ ଧ୍ୟାନ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି ଏବଂ ଆମମାନଙ୍କୁ ସେମାନଙ୍କ ନିମନ୍ତେ ଦୁଆ କରିବାର ଆବଶ୍ୟକତା ରହିଛି । ଆମ ପାଖରେ ତ' ଦୁଆ ବ୍ୟତୀତ ଆଉ କୌଣସି ଶକ୍ତି ଏବଂ ଅସ୍ତ୍ର ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ପାକିସ୍ତାନ ଏବଂ ବାଂଲାଦେଶରେ ବାସ କରୁଥିବା ଅହେମଦିମାନଙ୍କ ନିମନ୍ତେ ମଧ୍ୟ ଦୁଆ (ପ୍ରାର୍ଥନା) କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ପ୍ରକାରର ଉପଦ୍ରବ, ବିଶୃଙ୍ଖଳା ଓ ବିରୋଧୀମାନଙ୍କ ଆକ୍ରମଣରୁ ସୁରକ୍ଷିତ ରଖନ୍ତୁ ।

ଅନ୍ୟ ସ୍ଥାନରେ ବାସ କରୁଥିବା ନିଷ୍କେଷିତ ଲୋକମାନଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ନିଷ୍କେଷିତ ଅହେମଦିମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ସେହି ସମସ୍ତଙ୍କୁ ନିଜର ସୁରକ୍ଷା ବଳ ମଧ୍ୟରେ ରଖନ୍ତୁ । ଅଲ୍ଲାଃତାଲା ସଂସାରବାସୀଙ୍କୁ ସଦବୁଦ୍ଧ ପ୍ରଦାନ କରନ୍ତୁ । ଶାନ୍ତି ସ୍ଥାପନ କରିବା ନିମନ୍ତେ ଅଲ୍ଲାଃତାଲା ସମସ୍ତ ରାଷ୍ଟ୍ର ଏବଂ ଲୋକମାନଙ୍କର ଧ୍ୟାନ ଆକର୍ଷଣ କରନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 28 ଫେବୃଆରୀ 2025 ମସିହା, ପୃ-2-6)**

☆ ☆ ☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ସଫଳ ହୋଇପାରି ନଥିଲା । ତେଣୁ ମୁଁ ଜାଣିନେଲି ଯେ, ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି ଏବଂ ନିଃସନ୍ଦେହ ରୂପେ ଆପଣ ସତ୍‌ପଥରେ ଅଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ରକ୍ଷା କରୁଛନ୍ତି ଓ ଅବୁ ସୁଫିୟାନ୍‌ର ସୈନ୍ୟବାହିନୀ ସୈତାନ୍‌ର ସୈନ୍ୟବାହିନୀ ଅଟେ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ୍ମିତହାସ୍ୟ ପ୍ରକାଶ କରିବାକୁ ଲାଗିଲେ । ପୁନଶ୍ଚ ସେହି ବ୍ୟକ୍ତି କିଛି ଦିନ ଆପଣ ସ.ଅଙ୍କ ନିକଟରେ ରହିବା ପରେ ଆପଣ ସ.ଅଙ୍କ ଠାରୁ ଅନୁମତି ନେଇ ଚାଲିଗଲା । ଏତଦ୍‌ପରେ ସେହି ବ୍ୟକ୍ତିର ନାମ ସଂପର୍କରେ କୌଣସି ଚର୍ଚ୍ଚା ଶୁଣାଯାଇ ନାହିଁ । ଇତିହାସରେ ସେହି ବ୍ୟକ୍ତିର କୌଣସି ଚର୍ଚ୍ଚା ମିଳେ ନାହିଁ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-123, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-101-102, ଜୱାର୍ ଏକାଡ଼େମୀ, କରାଚୀରୁ ଉଦ୍ଧୃତ)**

ରସୁଲୁଲ୍ଲାଃ ସ.ଅ ଅମ୍ର ବିନ୍ ଉମୈୟା ଏବଂ ସଲ୍‌ମା ବିନ୍ ଅସ୍‌ଲମ୍‌ଙ୍କୁ ଅବୁ ସୁଫିୟାନ୍ ବିନ୍ ହର୍ବ୍ ଆଡ଼କୁ ପ୍ରେରଣ କଲେ ଓ କହିଲେ, ହେ ଅମ୍ର ଓ ହେ ଅସ୍‌ଲମ୍! ତୁମେ ଅବୁ ସୁଫିୟାନ୍‌କୁ ଅବଚେତନ ଅବସ୍ଥାରେ ଯେତେବେଳେ ଦେଖିବାକୁ ପାଅ ସେତେବେଳେ ତା'ର ସଂହାର କରିଦିଅ । ଅବୁ ସୁଫିୟାନ୍ ଯଦି ଏହି ଯୋଜନା କରୁଛି ତେବେ ଠିକ୍ ଅଛି ତା'ର ଉପଚାର ମଧ୍ୟ ଏହା ହିଁ ଯେ, ତା'କୁ ଶେଷ କରିଦିଆଯାଉ। କାରଣ ଏହା ଦ୍ୱାରା କଳହ ସମାପ୍ତ ହୋଇଯିବ । ଇବ୍‌ନେ ହିଶ୍ଶାମ୍ ବର୍ଣ୍ଣନା କରିଛନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅମ୍ର ବିନ୍ ଉମୈୟାହ୍ ସହିତ ଜବ୍‌ବାର୍ ବିନ୍ ସଖର୍ ଅନ୍‌ସାରୀକୁ ପ୍ରେରଣ କରିଥିଲେ । **(ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-885, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତରୁ ଉଦ୍ଧୃତ)(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-72, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅତଏବ୍ ଏମାନେ ଦୁହେଁ ସେଠାରୁ ଚାଲିଗଲେ । ଏପର୍ଯ୍ୟନ୍ତକି ମକ୍କା ନିକଟବର୍ତ୍ତୀ ପହଞ୍ଚିଗଲେ ଏବଂ ସେମାନେ ଦୁହେଁ ନିଜର ଦୁଇ ଓଟକୁ ୟାଜଜ୍‌ର ଘାଟି ମଧ୍ୟରୁ ଏକ ଘାଟି ଠାରେ ଲୁଚାଇ ଦେଲେ । ୟାଜଜ୍ ମକ୍କା ଠାରୁ 8 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ପୁନଶ୍ଚ ରାତ୍ର ସମୟରେ ମକ୍କାରେ ପ୍ରବେଶ କଲେ । ଜବବାର୍ କିମ୍ବା ସଲ୍‌ମା ଅମ୍ର ର.ଅଙ୍କୁ କହିଲେ, ଏପରି ହୁଅନ୍ତା କି ଆମେମାନେ ବୈତୁଲ୍ଲାଃର ପରିକ୍ରମା କରିନେଇ ଥାଆନ୍ତୁ ଓ ଦୁଇ ରକାତ୍ ନମାଜ ପାଠ କରି ନେଇ ଥାଆନ୍ତୁ । ହ.ସ ଅମ୍ର ର.ଅ କହିଲେ, ଏହି ଲୋକମାନେ ଯେତେବେଳେ ରାତ୍ର ଆହାର କରି ନିଅନ୍ତି ତେବେ ଏମାନେ ନିଜର ପ୍ରାଙ୍ଗଣରେ ବସି ଯାଆନ୍ତି । ସେମାନେ ମୋତେ ଯଦି ଦେଖିବେ ତେବେ ସେମାନେ ମୋତେ ଚିହ୍ନି ପକାଇବେ । ମୁଁ ମକ୍କାରେ ଶୁଭ୍ର ବା ଧବଳ (ଧଳା) ଏବଂ କୃଷ୍ଣ ଅର୍ଥାତ୍ କଳା ଅଶ୍ୱ ଠାରୁ ଅଧିକ ବିଖ୍ୟାତ ଅଟେ । ଅର୍ଥାତ୍ ଲୋକମାନେ ମୋତେ ଜାଣନ୍ତି । ସେମାନେ ମୋତେ ଚିହ୍ନିଛନ୍ତି । ଅମ୍ରର ସାଥି କହିଲା କଦାପି ନୁହଁ । **ଇନ୍‌ଶାଅଲ୍ଲାଃ** ଆମେମାନେ ଯିବୁ । ଅମ୍ର ବର୍ଣ୍ଣନା କଲେ ଯେ, ସେ ମୋ କଥା ମାନିବାକୁ ଅସ୍ୱୀକାର କରିଦେଇଛନ୍ତି । ସୁତରାଂ ଆମେମାନେ ବୈତୁଲ୍ଲାଃର ପରିକ୍ରମା କଲୁ ଏବଂ ନମାଜ୍ ପାଠ କଲୁ । ନମାଜ ପାଠ କରି ସେମାନେ ଚାଲିଗଲେ। ପୁନଶ୍ଚ କୁହନ୍ତି ଯେ, ଆମେମାନେ ଅବୁ ସୁଫିୟାନ୍‌ର କାମନା କରି ବାହାରିଲୁ । ଯେଉଁ ଉଦ୍ଦେଶ୍ୟ ନେଇ ଆମେ ବାହାରିଥିଲୁ ତାହାକୁ ଚରିତାର୍ଥ କରିବା ନିମନ୍ତେ ଆମେମାନେ ବାହାରିଲୁ । ସେ କୁହନ୍ତି, ଆମେ ଅଲ୍ଲାଃତାଲାଙ୍କ ଶପଥ କରି କହୁଛୁ ଆମେମାନେ ମକ୍କାରେ ଚାଲୁଥିଲେ କି ସହସା ମକ୍କାବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋତେ ଦେଖି ଚିହ୍ନି ପକାଇଲା । ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ଏ ହେଉଛି ସେହି ମୁଆୱିୟା ବିନ୍ ଅବି ସୁଫିୟାନ୍ ଯିଏ ଆମକୁ ଚିହ୍ନି ନେଇଥିଲା । ଅତଏବ୍ ମୁଆୱିୟା କହିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଅମ୍ର ବିନ୍ ଉମୈୟାହ୍ କୌଣସି ମନ୍ଦ ଉଦ୍ଦେଶ୍ୟ ଏବଂ ଉପଦ୍ରବ ନିମନ୍ତେ ଏଠାକୁ ଆସିଅଛି । ସେ କୁରୈଶ୍‌କୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଙ୍ଫକତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଯାଇ (ସବୁ) କହିଦେଲା । ସୁତରାଂ ସେମାନେ ଅମ୍ର ଠାରୁ ଭୟଭୀତ ହୋଇଗଲେ । କୁରୈଶ୍‌ମାନଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ସେମାନେ ଭୟଭୀତ ହୋଇଗଲେ ଏବଂ ତଦନ୍ତ ନିମନ୍ତେ ବାହାରି ପଡ଼ିଲେ (ଖୋଜା ଖୋଜି କଲେ) । ଅମ୍ର କୁହନ୍ତି ଯେ, ମୁଁ ନିଜର ସାଥିକୁ କହିଲି ଯେ, ହେ ସଲମା ! ଶୀଘ୍ର ଶୀଘ୍ର ପଳାଇ ଚାଲ । ଅତଏବ୍ ଆମେମାନେ ତୁରନ୍ତ ବାହାରି ଦଉଡ଼ିବାକୁ ଲାଗିଲୁ ଏପର୍ଯ୍ୟନ୍ତକି ଆମେମାନେ ଏକ ପର୍ବତ ଉପରେ ଚଢିଗଲୁ। ସେମାନେ ଆମକୁ ନପାଇ ନିରାଶ ହୋଇ ଫେରିଗଲେ । ଅତଏବ୍ ଆମେମାନେ ପୁନଃ ପର୍ବତ ଗୁମ୍ଫାରେ ପ୍ରବେଶ କରିଗଲୁ । ଆମେମାନେ ସେହି ପର୍ବତ ଗୁମ୍ଫାରେ ରାତ୍ରୀ ଯାପନ କଲୁ ଏବଂ ଆମେମାନେ ପଥୁରିଆ ପଥର ନିଜ ଆଖପାଖରେ ଧାଡ଼ି କରି ପଥରକୁ ଯୋଡ଼ି ଦେଲୁ। ଯେତେବେଳେ ସକାଳ ହେଲା ସେତେବେଳେ ଆମ ନିକଟକୁ କୁରୈଶ୍‌ର ଜଣେ ବ୍ୟକ୍ତି ଆସିଲା ଏବଂ ସେ ଦେଖିଲା ଯେ, କୁରୈଶ୍‌ର ଜଣେ ଲୋକ ସେଠି ବୁଲାବୁଲି କରୁଛି। ଇବ୍‌ନେ ସଆଦ୍ ନିକଟରେ ସେ ଉବୈଦୁଲ୍ଲାଃ ବିନ୍ ମାଲିକ୍ ବିନ୍ ଉବୈଦୁଲ୍ଲାଃ ତମିମି ଥିଲା । କିନ୍ତୁ ଇବ୍‌ନେ ଇସ୍‌ହାକ୍‌ଙ୍କ ନିକଟରେ ସେ ଉସମାନ୍ ବିନ୍ ମାଲିକ୍ ଅବା ଅବ୍‌ଦୁଲ୍ଲାଃ ଥିଲା । ସେ ଯାହା ହେଉ ସେ କୁହନ୍ତି ଯେ, ସେ ନିଜର ଅଶ୍ୱକୁ ଘଉଡ଼ାଉଥିଲା। ସେ ଆମ ଗୁମ୍ଫାର ଆଖପାଖରେ ଥିଲା ଏବଂ ଆମେ ଦୁହେଁ ଗୁମ୍ଫା ମଧ୍ୟରେ ଥିଲୁ । ସୁତରାଂ ମୁଁ କହିଲି ହେ ସଲମା ! ସେ ଯଦି ଆମମାନଙ୍କୁ ଦେଖି ନେଏ ତେବେ ସେ ଚିତ୍କାର କରି ଉଠିବ ଏବଂ ଆମେମାନେ ଧରା ପଡ଼ିଯିବୁ ଓ ନିହତ ହେବୁ। ଅର୍ଥାତ୍ ସେ ଅବିଶ୍ୱାସକାରୀମାନଙ୍କୁ ଡାକି ଆଣିବ । ହ. ଅମ୍ର ବିନ୍ ଉମୈୟାହ୍ ର.ଅ କୁହନ୍ତି ଯେ, ମୋ ନିକଟରେ ଛୁରା ରହିଥିଲା ଯାହାକୁ ମୁଁ ଅବୁ ସୁଫିୟାନ୍ ପାଇଁ ପ୍ରସ୍ତୁତ କରି ରଖିଥିଲି । ମୁଁ ବାହାରି ଆସି ତା' ଛାତି ଉପରେ ଆକ୍ରମଣ କରିଦେଲି । ସେ ଯେତେବେଳେ ଚିତ୍କାର କଲା ସେତେବେଳେ ମକ୍କାବାସୀମାନେ ତା'ର ସ୍ୱରକୁ ଶୁଣିନେଲେ । ମୁଁ ଫେରି ଆସିଲି ଏବଂ ଗୁମ୍ଫା ମଧ୍ୟରେ ପ୍ରବିଷ୍ଟ (ପ୍ରବେଶ) କରିଗଲି । ଲୋକମାନେ ତା' ନିକଟକୁ ଦ୍ରୁତ ଗତିରେ ଧାଇଁ ଆସିଲେ ଏବଂ ସେ ଜୀବନର ଶେଷ ମୁହୂର୍ତ୍ତରେ ଥିଲା । ସୁତରାଂ ସେମାନେ ତା'କୁ ପଚାରିଲେ ଯେ, ହେ ଅବୁ ସୁଫିୟାନ୍! ତୋତେ କିଏ ମାରିଥିଲା ? ତେବେ ସେ ଉତ୍ତର ଦେଲା ଯେ, ମୋତେ ଉମର୍ ବିନ୍ ଉମୈୟାହ୍ ମାରିଛି ଏବଂ ସେ ସେହି ସ୍ଥାନରେ ହିଁ ମୃତ୍ୟୁବରଣ କଲା ଓ ଆମ ଗୁମ୍ଫା (ମଧ୍ୟସ୍ତ ସ୍ଥାନ) ପର୍ଯ୍ୟନ୍ତ ଯାଇ ପାରିଲା ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଏକ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ସେମାନେ ଦୁହେଁ ଯେତେବେଳେ ଅବୁ ସୁଫିୟାନ୍‌କୁ ପାଇଲେ ସେତେବେଳେ ଅବୁ ସୁଫିୟାନ ମଧ୍ୟରେ (ଶରୀରରେ) ଆଉ ଏତେ ବଳ ନଥିଲା ଯେ, ସେ ମକ୍କାବାସୀଙ୍କୁ ଆମ ଠିକଣା କିପରି କହିପାରି ଥାଆନ୍ତା ? ଅମ୍ର ବିନ୍ ଉମୈୟାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର ସାଥିକୁ କହିଲି ଯେ, ହେ ସଲମା ! ତୁମେ ନିଜର ପ୍ରାଣ ନେଇ ପଳାଇ ଯାଅ । ତୁମେ ବର୍ତ୍ତମାନ ନିଜ ଓଟ ପାଖକୁ ଯାଅ ଓ ତା' ଉପରେ ଆରହଣ ହୋଇ ଚାଲିଯାଅ । ସୁତରାଂ ସେ ଚାଲିଗଲେ । ଅମ୍ର ବିନ୍ ଉମୈୟାହ୍ କୁହନ୍ତି ଯେ, ପୁନଶ୍ଚ ଏତଦ୍‌ପରେ ମୁଁ ଚାଲିଲି ଏପର୍ଯ୍ୟନ୍ତକି ମୁଁ ଜୟ୍‌ନାନ୍ ଠାରେ ପହଞ୍ଚିଗଲି । ଜୟ୍‌ନାନ୍ ମକ୍କା ଠାରୁ ଗୋଟିଏ ବରିଦ୍ ଅର୍ଥାତ୍ 12 ମାଇଲ୍ ଦୂରତାରେ ଅବସ୍ଥିତ ଏକ ପର୍ବତ ଥିଲା । ସେ କୁହନ୍ତି ଯେ, ପୁନଶ୍ଚ ମୁଁ ଏକ ପର୍ବତରେ ଆଶ୍ରୟ ନେଲି ଏବଂ ଏକ ଗୁମ୍ଫା ମଧ୍ୟରେ ପଶିଗଲି (ପ୍ରବିଷ୍ଟ ହୋଇଗଲି ଅର୍ଥାତ୍ ପ୍ରବେଶ କରିଗଲି) । ଅମ୍ର କୁହନ୍ତି: "ପୁନଶ୍ଚ ମୁଁ ସେଠାରୁ ବାହାରିଲି ଏପର୍ଯ୍ୟନ୍ତକି ମୁଁ ଅର୍ଜ ଠାକୁ ଚାଲି ଆସିଲି । ଅର୍ଜ୍ ମଧ୍ୟ ମକ୍କା ଏବଂ ମଦିନା ମଧ୍ୟବର୍ତ୍ତୀ ଏକ ଘାଟି ଥିଲା ଯେଉଁଠି ଯାତ୍ରୀସମୂହମାନେ ଅବସ୍ଥାନ କରୁଥିଲେ । ପୁନଶ୍ଚ ମୁଁ ବାହନ ଉପରେ ଆରୋହଣ ହୋଇ ଚାଲିଲି ଏପର୍ଯ୍ୟନ୍ତକି ମୁଁ ନକିଇ ଠାରେ ପହଞ୍ଚିଗଲି । ନକିଇ ମଦିନା ଠାରୁ ଦୁଇ ରାତ୍ର ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନର ନାମ ଅଟେ । ଇବ୍‌ନେ ହିଶ୍ଶାମ୍‌ଙ୍କ ଜୀବନୀ ପୁସ୍ତକରେ ଉକ୍ତ ଦୂରତାର ଉଲ୍ଲେଖ ରହିଛି । ଅତଏବ୍ କୁରୈଶ୍‌ର ଅବିଶ୍ୱାସକାରୀଙ୍କ ମଧ୍ୟରୁ 2 ଜଣ ବ୍ୟକ୍ତି ମଦିନା ଆଡ଼କୁ ଆସୁଥିଲେ । ସେହି ଦୁଇ ଜଣ ବ୍ୟକ୍ତିଙ୍କୁ କୁରୈଶମାନେ ଗୁଇନ୍ଦା କରି ପ୍ରେରଣ କରିଥିଲେ ଯେ, ସେମାନେ ଯାଇ ଦେଖନ୍ତୁ ଏବଂ ପରିସ୍ଥିତି ଓ ଘଟଣାବଳୀ ସଂପର୍କରେ ତଦନ୍ତ ଏବଂ ଅନୁଧ୍ୟାନ କରନ୍ତୁ । ମୁଁ ସେହି ଦୁହିଁଙ୍କୁ କହିଲି, ହେ ଲୋକମାନେ ତୁମେ ଦୁହେଁ ନିଜକୁ ବନ୍ଦୀ କରିବା ନିମନ୍ତେ ମୋତେ ହସ୍ତାନନ୍ତର କରିଦିଅ । ଅର୍ଥାତ୍ ଆତ୍ମ ସମର୍ପଣ କରିଦିଅ । ସେମାନେ ଦୁହେଁ ଅସ୍ୱୀକାର କରିଦେଲେ । ମୁଁ ସେହି ଦୁହିଁଙ୍କ ମଧ୍ୟରୁ ଜଣେ ଗୁଇନ୍ଦାକୁ ତୀର ମାରି ନିହତ କରିଦେଲି ଓ ଅନ୍ୟ ବ୍ୟକ୍ତି ଜଣକ ନିଜେ ଆତ୍ମ ସମର୍ପଣ କରିଦେଲା । ମୁଁ ସେହି ବ୍ୟକ୍ତିକୁ ବାନ୍ଧି ମଦିନା ନେଇ ଆସିଲି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରାମାଣ୍ୟ ଏହିପରି ନୁହେଁ ବରଂ ଦୁହିଁଙ୍କର ସେଠାରେ ଯୁଦ୍ଧ ହୋଇଥିଲା । ପରସ୍ପର ମଧ୍ୟରେ ତୀର ଚାଳନା ହୋଇଥିଲା । ସେ ଯାହା ହେଉ ଅମ୍ର ବିନ୍ ଉମୈୟାହ୍ ରସୁଲୁଲ୍ଲାଃ ସ.ଅଙ୍କୁ ନିଜର ପରିସ୍ଥିତି ଏବଂ ଘଟଣାବଳୀ ସଂପର୍କରେ ବର୍ଣ୍ଣନା କରିବାକୁ ଲାଗିଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ହାସ୍ୟ ପ୍ରକାଶ କରୁଥିଲେ । ଅର୍ଥାତ୍ ଆପଣ ସ.ଅ ହସୁଥିଲେ । ପୁନଶ୍ଚ ଆପଣ ସ.ଅ ଅମ୍ର ବିନ୍ ଉମୈୟାଙ୍କ ନିମନ୍ତେ ମଙ୍ଗଳ କାମନା କଲେ । ଅର୍ଥାତ୍ ଦୁଆ କଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-123-125, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-56, 198, 319, ଜୱାର୍ ଏକାଡ଼େମୀ, କରାଚୀରୁ ଉଦ୍ଧୃତ) (ଜର୍କାନୀ, ଭାଗ-3, ପୃ-228, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍) (ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନିହିଶ୍ଶାମ୍, ପୃ-486, ପ୍ରକାଶନ ସ୍ଥାନ-ଦାରୁଲ୍ ମାଆର୍ଫା, ବୈରୁତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସରୀୟା (ଯୁଦ୍ଧ)ର ବର୍ଷ ସଂପର୍କରେ ନାନା ବର୍ଣ୍ଣନା ବର୍ଣ୍ଣିତ ହୋଇଛି । ଇବ୍‌ନେ ହିଶ୍ଶାମ୍, ଇବ୍‌ନେ କସିର୍ ଓ ତବ୍ରୀ ଆଦି ଇତିହାସବିତ୍‌ମାନେ ଉକ୍ତ ସରୀୟାକୁ 4 ହିଜ୍ରୀ ବୋଲି ବର୍ଣ୍ଣନା କରି ହ. ଖୁବୈବ୍ ବିନ୍ ଅଦିଙ୍କ ପାର୍ଥିବ ଶରରୀକୁ କାଠ ସାହାଯ୍ୟରେ ଓହ୍ଲାଇବାର ଚର୍ଚ୍ଚା ମଧ୍ୟ କରିଛନ୍ତି। ହ. ଖୁବୈବଙ୍କୁ ରଜିଇର ଘଟଣାରେ ବନ୍ଦୀ କରି ମକ୍କାରେ ବିକ୍ରି କରାଯାଇଥିଲା । କୁରୈଶ୍‌ମାନେ ତାଙ୍କୁ କାଠ ଉପରେ ବାନ୍ଧି ଶହୀଦ୍ କରିଥିଲେ । କିନ୍ତୁ ଇବ୍‌ନେ ସାଆଦ୍ ଅମ୍ର ବିନ୍ ଉମୈୟାହ୍‌ଙ୍କ ଯୁଦ୍ଧ ପ୍ରସଙ୍ଗରେ ପାର୍ଥିବ ଶରୀରକୁ କାଠରୁ ଓହ୍ଲାଇବାର ଚର୍ଚ୍ଚା କରି ନାହାନ୍ତି ଏବଂ ଇବନେ ସାଆଦ୍‌ଙ୍କ ବର୍ଣ୍ଣନା ଏଥି ସଂକ୍ରାନ୍ତରେ ଅଧିକ ଉତ୍ତମ ବୋଲି ମନେହେଉଛି । କାରଣ ହ. ଖୁବୈବ୍ ର.ଅଙ୍କ ପାର୍ଥିବ ଶରୀରକୁ କାଠରୁ ଓହ୍ଲାଇବା ନିମନ୍ତେ ଆଉ ଏକ ଦଳ ଗମନ (ଯିବାର) କରିବାର ଚର୍ଚ୍ଚା ପୁସ୍ତକରେ ପୃଥକ୍ ରୂପେ ବର୍ଣ୍ଣିତ ହୋଇଛି । ଜର୍କାନୀ ମଧ୍ୟ ଉକ୍ତ ମତକୁ ଅବଲମ୍ବନ କରିଛନ୍ତି ଏବଂ ଅମ୍ର ବିନ୍ ଉମୈୟାହ୍‌ର ଯୁଦ୍ଧ ଶେଷରେ ଉଲ୍ଲେଖ କରିଛନ୍ତି ଯେ, ଖୁବୈବ୍ ବିନ୍ ଅଦିର ଶବ ଓହ୍ଲାଇବା ନିମନ୍ତେ ରସୁଲୁଲ୍ଲାଃ ସ.ଅ ହ. ଜୁବୈର୍ ଓ ମିକ୍‌ଦାଦ୍‌ଙ୍କୁ ପ୍ରେରଣ କରିଥିଲେ ।

**(ଜର୍କାନୀ, ଭାଗ-3, ପୃ-169, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଏଥି ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବୀୟିନରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଯାହା ଉଲ୍ଲେଖ କରିଛନ୍ତି ତହିଁରେ ଅମ୍ର ବିନ୍ ଉମୈୟାହ୍‌ଙ୍କ ଉକ୍ତ ଯୁଦ୍ଧ ସଂପର୍କରେ ଖୁବୈବ୍ ବିନ୍ ଅଦିଙ୍କ ପାର୍ଥିବ ଶରୀରକୁ କାଠରୁ ଓହ୍ଲାଇବାର ଘଟଣାର କୌଣସି ଚର୍ଚ୍ଚା କରି ନାହାନ୍ତି । ଏହାର ବିସ୍ତୃତ ବିବରଣୀ ଏହିପରି ଆପଣ ଉଲ୍ଲେଖ କରିଛନ୍ତି ଯେ, "ଅହଜାବ୍ ଯୁଦ୍ଧର ତିରସ୍କାରପୂର୍ଣ୍ଣ ଅସଫଳତା ଏବଂ ସ୍ମୃତି ମକ୍କାର କୁରୈଶ୍‌ମାନଙ୍କ ଶରୀରରେ ଦଗ୍ଧୀଭୂତ କରି ପକାଇଥିଲା (ନିଆଁ ଲଗାଇ ଦେଇଥିଲା)। ସ୍ୱାଭାବିକ ରୂପେ ଏହି ହୃଦୟଜନିତ ଅଧିକ ନିଆଁ ଅବୁ ସୁଫିୟାନ୍‌ର ଭାଗରେ ପଡ଼ିଥିଲା । କାରଣ ଅବୁ ସୁଫିୟାନ୍ ମକ୍କାର ଅଧିପତି ଥିଲା ଏବଂ ସେ ଅହଜାବ୍ ଯୁଦ୍ଧରେ ବିଶେଷ ରୂପେ ତିରସ୍କାରର ମାଡ ଖାଇ ସାରିଥିଲା (ସହ୍ୟ କରିଥିଲା) । କିଛି କାଳ ପର୍ଯ୍ୟନ୍ତ ଅବୁ ସୁଫିୟାନ୍ ଉକ୍ତ ଅଗ୍ନିରେ ଭିତରେ ଧୀରେ ଧୀରେ ଦଗ୍ଧୀଭୂତ (ଜଳୁଥିଲା) ହେଉଥିଲା । କିନ୍ତୁ ପରିଶେଷରେ ସ୍ଥିତି ଯେତେବେଳ ଅଣାୟତ୍ତ ହେଲା ଏବଂ ଅଗ୍ନିର ଗୁପ୍ତ ବାରୁଦ ବାହାରକୁ ଆସିବା ଆରମ୍ଭ ହୋଇଗଲା ସେତେବେଳେ ଅବିଶ୍ୱାସକାରୀମାନେ ସ୍ୱାଭାବିକ ରୂପେ ସର୍ବାଧିକ ପରମ ଶତ୍ରୁତା ପ୍ରଦର୍ଶନ କଲେ । କେବଳ ସେତିକି ନୁହେଁ ବରଂ ବାସ୍ତବରେ ସେମାନଙ୍କ ଶତ୍ରୁତା ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ସହିତ ଜଡ଼ିତ ଥିଲା । ତେଣୁ ଅବୁ ସୁଫିୟାନ୍ ଏହି ଚିନ୍ତାରେ ଚିନ୍ତାଗ୍ରସ୍ତ ହେଲା ଯେ, ଯେତେବେଳେ ପ୍ରକାଶ୍ୟ ଉପାୟ ଏବଂ ଆଳର କୌଣସି ଫଳାଫଳ ବାହାରୁ ନାହିଁ ସେତେବେଳେ ଗୁପ୍ତ ଯୋଜନା ଏବଂ ଗୁପ୍ତ ଉପାୟ ଅବଲମ୍ବନ କରି ମୁହମ୍ମଦ୍ ସ.ଅଙ୍କୁ ସମାପ୍ତ କରି ଦିଆଯିବା ଉଚିତ୍ । ଅବୁ ସୁଫିୟାନ ଜାଣିଥିଲା ଯେ, ଆଁହଜରତ ସ.ଅଙ୍କ ଆଖପାଖରେ ଯଦି କୌଣସି ପ୍ରହରା ହେଉ ନଥିଲା ବରଂ ବେଳେବେଳେ ଆପଣ ସ.ଅ ଅସୁରକ୍ଷିତ ଅବସ୍ଥାରେ ଏଣେତେଣେ ଯାଅ ଆସ (ଯିବା ଆସିବା) କରୁଥିଲେ । ସହରର ଗଳି କନ୍ଦିରେ ଆପଣ ସ.ଅ ବୁଲୁଥିଲେ । ଆପଣ ସ.ଅ ପ୍ରତ୍ୟେକ ଦିନ ମସ୍‌ଜିଦ୍‌କୁ ପାଞ୍ଚବେଳା ନମାଜ ପାଠ କରିବା ନିମନ୍ତେ ଆସୁଥିଲେ ଏବଂ ଯାତ୍ରା ସମୟରେ ଆପଣ ସ.ଅ ନିରାଡ଼ମ୍ବରପୂର୍ଣ୍ଣ ପନ୍ଥା ଅବଲମ୍ବନ କରୁଥିଲେ ଏବଂ ସ୍ୱାଧୀନ ଭାବରେ ରହୁଥିଲେ। ତେଣୁ ଜଣେ ଭଡ଼ାଟିଆ (ସୁପାରି କିଲର୍ ବା ହତ୍ୟାକାରୀ) ହତ୍ୟାକାରୀ ବ୍ୟକ୍ତି ପକ୍ଷେ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଏହାଠୁ ଅଧିକ ସହଜ ଅବସର ଆଉ କିପରି ବା ମିଳିନ୍ତା ? ଅବୁ ସୁଫିୟାନ୍ ମନରେ ଉକ୍ତ ଧାରଣାଟି ଆସିବା ଅରମ୍ଭ ହୋଇ ନଥିଲା କି ଅବୁ ସୁଫିୟାନ୍ ଭିତରେ ଭିତରେ ଆଁହଜରତ ସ.ଅଙ୍କ ହତ୍ୟା ନିମନ୍ତେ ପ୍ରସ୍ତାବକୁ ଦୃଢୀଭୂତ କରିବା ଆରମ୍ଭ କରିଦେଲା। ଅର୍ଥାତ୍ ଯୋଜନା ପ୍ରସ୍ତୁତ କରିବାକୁ ଲାଗିଲା।"

ଅବୁ ସୁଫିୟାନ୍ ଯେତେବେଳେ ଉକ୍ତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ ଦୃଢ ସଂକଳ୍ପ କରିନେଲା ସେତେବେଳେ ସେ ଏକ ସୁଯୋଗ ଦେଖି ନିଜର ସ୍ୱାର୍ଥ ସାଧନ ନିମନ୍ତେ କୁରୈଶ୍‌ର କେତେକ ଯୁବକମାନଙ୍କୁ କହିଲା, "ହେ କୁରୈଶ୍‌ର ଯୁବକମାନେ! ତୁମମାନଙ୍କ ମଧ୍ୟରେ ଏପରି ବୀରପୁରଷ ଯୁବକଟିଏ ଅଛି ଯିଏ ଗୁପ୍ତ ଭାବରେ ମୁହମ୍ମଦ (ସ.ଅଙ୍କ)ର କାମ ତମାମ୍ କରିଦେବ ? ତୁମେମାନେ ଜାଣ ଯେ, ମୁହମ୍ମଦ ମୁକ୍ତ ଭାବରେ ମଦିନାର ଗଳିକନ୍ଦିରେ ବୁଲାବୁଲି କରେ ।" ସେହି ଯୁବକମାନେ ଉକ୍ତ ଧାରଣାକୁ ଶୁଣିବା ମାତ୍ରେ ଧାଇଁଲେ । ସେମାନଙ୍କୁ ଅବୁ ସୁଫିୟାନ୍‌ର କଥା ଭଲ ଲାଗିଲା । ବର୍ତ୍ତମାନ ଅଧିକ ଦିନ ବିତି ନଥିଲା କି ଜଣେ ନିପଟ ମଫସଲ ଯୁବକ ଅବୁ ସୁଫିୟାନ୍ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲେ ଯେ, ହେ ଅବୁ ! ସୁଫିୟାନ୍ ମୁଁ ଆପଣଙ୍କ ପ୍ରସ୍ତାବାକୁ ଶୁଣିଛି ଏବଂ ମୁଁ ଏଥି ନିମନ୍ତେ ପ୍ରସ୍ତୁତ ଓ ଉପସ୍ଥିତ ଅଛି । ଅର୍ଥାତ୍ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉପସ୍ଥିତ ଅଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରି ପୂର୍ବେ ଉକ୍ତ ଘଟଣାଟି ବର୍ଣ୍ଣିତ ହୋଇଛି ଠିକ୍ ସେହିପରି ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେହି ମଫସଲ ଯୁବକଟି କହିବାକୁ ଲାଗିଲା ଯେ, ହେ ଅବୁ ସୁଫିୟାନ୍ ! ମୁଁ ଦୃଢ ସଂକଳ୍ପକାରୀ ବ୍ୟକ୍ତି ଅଟେ ଏବଂ ମୋର ହୃଦୟ ଅତି ବଳିଷ୍ଠ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 27 March 2025 Issue No. 13

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଅଟେ । ଥରେ ମୁଁ ଯେଉଁ କାମ ସମ୍ପାଦନ କରିବାର ସଂକଳ୍ପ କରିନିଏ ତେବେ ମୁଁ ତାହାକୁ ଅବଶ୍ୟ ସମ୍ପାଦନ କରିଥାଏ । ତେଣୁ ମୋ ଭଳି ବଳୁଆ ଯୁବକ ଶତ୍ରୁକୁ ଅତି କ୍ରୁର ଭାବରେ କବଳିତ କରିଥାଏ ଏବଂ ମୋ ପରି ଯୁବକ ଶତ୍ରୁ ଉପରେ ତୁରନ୍ତ ଆକ୍ରମଣ କରିଥାଏ । ଅଧିପତି ମହୋଦୟ ଯଦି ଆପଣ ମୋତେ ଉକ୍ତ କାର୍ଯ୍ୟ ନିମନ୍ତେ ନିଯୁକ୍ତ କରି ମୋତେ ସାହାଯ୍ୟ କରନ୍ତେ ତେବେ ମୁଁ ଚିରୋପକୃତ ହେବି। ତେଣୁ ମୁଁ ମୁହମ୍ମଦ ସ.ଅଙ୍କୁ ହତ୍ୟା କରିବା ଅଭିପ୍ରାୟ ନେଇ ବାହାରିବା ନିମନ୍ତେ ପ୍ରସ୍ତୁତ ଅଛି । ମୋ ପାଖରେ ଏପରି ଏକ ଛୁରା ରହିଛି ଯେପରି ଶିକାରୀ ଶାଗୁଣାର ପର ଥାଏ । ତେଣୁ ମୁଁ ମୁହମ୍ମଦ ସ.ଅ ଉପରେ ଆକ୍ରମଣ କରିବି ଓ ପୁନଶ୍ଚ ପଳାଇ ଆସି ଯାତ୍ରୀସମୂହରେ ମିଶିଯିବି ଏବଂ ମୁସଲମାନମାନେ ମୋତେ ଧରି ପାରିବେ ନାହିଁ ।''

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଘଟଣାକୁ ଇତିହାସବିତ୍‌ମାନେ ବର୍ଣ୍ଣନା କରିଛନ୍ତି ସେହି ଘଟଣାକୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ପୁନଃ ଉଲ୍ଲେଖ କରିଛନ୍ତି। ସେହି ଯୁବକ ଜଣକ କହିବାକୁ ଲାଗିଲା ଯେ, ''ମୁଁ ମଦିନାର ମାର୍ଗରେ ଚାଲିବା ଓ ଦଉଡ଼ିବାରେ ଧୁରନ୍ଧର ଅଟେ । ଅବୁ ସୁଫିୟାନ୍ କହିଲା, ବାସ୍ ବାସ୍ ସେତିକି ଥାଉ ! ହେ ଯୁବକ ତୁମେ ହେଉଛ ଆମର କାମିକିଆ ଲୋକ ଏବଂ ଆମ ସ୍ୱାର୍ଥ ସାଧନାକାରୀ ଯୁବକ ଅଟ । ଏତଦ୍‌ପରେ ଅବୁ ସୁଫିୟାନ୍ ସେହି ଯୁବକକୁ ଏକ ଦ୍ରୁତଗାମୀ ଓଟ ଏବଂ ପାଥେୟ ଇତ୍ୟାଦି ଦେଇ ବିଦାୟ ଜଣାଇଲା । ଏତଦ୍‌ପରେ ଅବୁ ସୁଫିୟାନ ତାଗିଦ୍ କଲା ଯେ, ହେ ବୀର ଯୁବକ ! ତୁମେ ଉକ୍ତ ରହସ୍ୟକୁ କାହା ସମ୍ମୁଖରେ (ଆଗରେ) ପ୍ରକାଶ କରିବ ନାହିଁ ।''

ମକ୍କାରୁ ବାହାରି ଉକ୍ତ ବ୍ୟକ୍ତି ଜଣକ ଦିନବେଳା ଲୁଚି ଯାଉଥିଲା ଏବଂ ରାତ୍ର ସମୟରେ ଯାତ୍ରା କରୁଥିଲା । ରାତ୍ର ସମୟରେ ଉକ୍ତ ବ୍ୟକ୍ତି ଜଣକ ଯାତ୍ରା କରି ମଦିନା ଆଡ଼କୁ ବାହାରିଲା ଏବଂ ଷଷ୍ଠ ଦିନରେ ମଦିନା ଠାରେ ପହଞ୍ଚିଗଲା ଏବଂ ଆଁହଜରତ ସ.ଅଙ୍କର ଠିକଣା ପ୍ରାପ୍ତ କରି ସାରିବା ପରେ ବନି ଅବ୍‌ଦୁଲ୍ ଅଶ୍‌ହଲ୍ ସଂପ୍ରଦାୟର ମସ୍‌ଜିଦ୍ ଠାରେ ପହଞ୍ଚିଲା । ଯେଉଁଠି ଆପଣ ସ.ଅ ସେତେବେଳେ ବିରାଜମାନ ନିମନ୍ତେ ଯାଇଥିଲେ । ଯଦିଓ ସେହି ଦିନମାନଙ୍କରେ ମଦିନାରେ ନୂଆ ନୂଆ ଲୋକ ଆସୁଥିଲେ । ସେଇଥି ପାଇଁ କୌଣସି ମୁସଲମାନ ବ୍ୟକ୍ତିକୁ ଏଥି ସଂକ୍ରାନ୍ତରେ ସନ୍ଦେହ ହେଲା ନାହିଁ । କିନ୍ତୁ ଯେତେବେଳେ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ନିଜ ଆଡ଼କୁ ଆସୁଥିବାର ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ! ଉକ୍ତ ବ୍ୟକ୍ତି ଜଣକ ମନ୍ଦ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଛି । ଯେତେବେଳେ ସେ ଉକ୍ତ ଶବ୍ଦ ଶୁଣିଲା ସେତେବେଳେ ସେ ଆହୁରି ଦ୍ରୁତ ଗତିରେ ଆପଣ ସ.ଅଙ୍କ ଆଡ଼କୁ ଅଗ୍ରସର ହେଲା । କିନ୍ତୁ ଜଣେ ଉସୈଦ୍ ବିନ୍ ହୁଜୈର୍ ନାମକ ଜନୈକ (ଜଣେ) ଅନ୍‌ସାରୀ ଅଧିପତି ତୁରନ୍ତ ଲମ୍ଫ ମାରି ସେହି ବ୍ୟକ୍ତିକୁ ଆଲିଙ୍ଗନ କରି ପକାଇଲେ । ଏହି ଆଲିଙ୍ଗନ ତଥା କୁଣ୍ଢା କୁଣ୍ଢିରେ ଲୁଚାଇ ରଖିଥିବା ସେହି ବ୍ୟକ୍ତିର ଛୁରା ଉପରେ ହ. ଉସୈଦଙ୍କର ହାତ ପଡ଼ିଗଲା । ଫଳତଃ ସେହି ବ୍ୟକ୍ତି ଜଣକ ଘାବରେଇ ଯାଇ କହି ଉଠିଲା ଯେ, ମୋ ରକ୍ତ ! ମୋ ରକ୍ତ ! (ଏଠାରେ 4ଟି ଶବ୍ଦ ଆରବ୍ୟ ଆପ୍ତ ବାକ୍ୟ ଅଟେ ଯାହାକି ଏଭଳି ସମୟରେ କୁହାଯାଇଥାଏ) ଏଠାରେ ସେ ଅତିରିକ୍ତ ବିବରଣୀ ଉଲ୍ଲେଖ କରିଛନ୍ତି ଯେ, ହ. ଉସୈଦ୍ କେବଳ ସେହି ବ୍ୟକ୍ତିର ଚଦରକୁ ଟାଣି ନଥିଲେ ବରଂ ନିୟମିତ ରୂପେ ଆପଣ ର.ଅ ତା'କୁ ଧରିବା ନିମନ୍ତେ ଚେଷ୍ଟା କରିଥିଲେ । ଯଦ୍ୱାରାକି ତା' ହାତରୁ ତା'ର ଛୁରା ଖସିଗଲା ଅବା ବାହାରି ପଡ଼ିଲା। ଏତଦ୍‌ପରେ ସେ ଏହି ସ୍ୱର ଉଚ୍ଚ କଲା ଯେ, ମୋତେ ଛାଡ଼ିଦିଅ, ମୋତେ କ୍ଷମା କରିଦିଅ । ଯେତେବେଳେ ସେହି ବ୍ୟକ୍ତିକୁ କାବୁ କିରିନିଆଗଲା ସେତେବେଳେ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ପଚାରିଲେ, ହେ ବ୍ୟକ୍ତି ! ତୁମେ ମୋତେ ସତ ସତ କୁହ ଯେ, ତୁମେ କିଏ ଓ କେଉଁ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଛ ? ସେ ଉତ୍ତର ଦେଲା ଯେ, ଆଜ୍ଞା ଆପଣ ସ.ଅ ଯଦି ମୋତେ କ୍ଷମା କରିଦେବେ ଏବଂ ମୋ ପ୍ରାଣକୁ ଛାଡ଼ିଦେବେ ତେବେ ମୁଁ ଆପଣ ସ.ଅଙ୍କୁ ସବୁ ସତ କହିବି । ପୁନଶ୍ଚ ଯେପରି ଚର୍ଚ୍ଚା ହୋଇ ସାରିଛି ଯେ, ସେହି ବ୍ୟକ୍ତି ଜଣକ ସମସ୍ତ ବୃତ୍ତାନ୍ତ ଶୁଣାଇଲା ଏବଂ ଆପଣ ସ.ଅ ସେହି ବ୍ୟକ୍ତିକୁ କହିଲେ, ଠିକ୍ ଅଛି ତୁମକୁ କ୍ଷମା କରିଦିଆଯିବ । ସେ ଆଁହଜରତ ସ.ଅଙ୍କ ସେବାରେ କହିବାକୁ ଲାଗିଲା .........ଏବଂ ଏହା ମଧ୍ୟ କହିଲା ଯେ, ହେ ମୁହମ୍ମଦ ! ଅବୁ ସୁଫିୟାନ୍ ମୋତେ ଏତେ ପୁରସ୍କାର ରାଶି ଦେବାର ପ୍ରତିଶୃତି ଦେଇଥିବା ହେତୁ ମୁଁ ଏହି କାର୍ଯ୍ୟ ଅର୍ଥାତ୍ ଅପରାଧ ଓ ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ମକ୍କାକରୁ ବାହାରିଥିଲି । ଏତଦ୍‌ପରେ ସେହି ବ୍ୟକ୍ତି ଜଣକ କିଛି ଦିନ ପର୍ଯ୍ୟନ୍ତ ମଦିନାରେ ଅବସ୍ଥାନ କଲା ଏବଂ ପୁନଶ୍ଚ ସ୍ୱଇଚ୍ଛାରେ ଇସଲାମ୍ ଧର୍ମ ଗ୍ରହଣ କରି ଆଁହଜରତ ସ.ଅଙ୍କ ସାହାବା ଏବଂ ସହଚର ଗୋଷ୍ଠୀଙ୍କ ମଧ୍ୟରେ ସାମିଲ୍ ହୋଇଗଲା ।

ଅବୁ ସୁଫିୟାନ୍‌ର ଏହି ରକ୍ତାକ୍ତ ଷଡ଼ଯନ୍ତ୍ର ଉକ୍ତ କଥାକୁ ଆହାରି ଦୃଢୀଭୂତ କରିଦିଲା ଯେ, ମକ୍କାବାସୀମାନଙ୍କର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ସଂପର୍କରେ ଅବଗତ ରହିବା ଉଚିତ୍ । ସୁତରାଂ ଆଁହଜରତ ସ.ଅ ନିଜର 2 ଜଣ ସାହାବି ଅମ୍ର ବିନ୍ ଉମୈୟାହ୍ ଜମ୍ରୀ ଓ ସଲ୍‌ମା ବିନ୍ ଅସ୍‌ଲମଙ୍କୁ ମକ୍କା ଆଡ଼କୁ ପ୍ରେରଣ କଲେ ଏବଂ ଅବୁ ସୁଫିୟାନ୍‌ର ଏହି ଷଡ଼ଯନ୍ତ୍ର ଏବଂ ତା'ର ପୂର୍ବ ରକାକ୍ତ କାର୍ଯ୍ୟାନୁଷ୍ଠାନକୁ ଉପଲବ୍ଧି (ଦେଖି) ଦୁହିଁଙ୍କୁ ଅନୁମତି ଦିଆଗଲା କି ସେମାନେ ଯଦି ସୁଯୋଗ ପାଆନ୍ତି ତେବେ ସେମାନେ ନିଃସନ୍ଦେହ ଇସ୍‌ଲାମ୍ ଧର୍ମର ଏହି ଶତ୍ରୁ ଯୋଦ୍ଧାର ଅବସାନା ବା କାମ ତମାକ କରି ଦିଅନ୍ତୁ । କିନ୍ତୁ ଯେତେବେଳେ ଉମୈୟାହ୍ ଓ ତାଙ୍କର ସାଥି ମକ୍କାରେ ପହଞ୍ଚିଲେ ସେତେବେଳ କୁରୈଶ୍‌ମାନେ ସତର୍କ ହୋଇଗଲେ ଏବଂ ଏହି ଦୁଇ ଜଣ ସାହାବି ନିଜର ପ୍ରାଣ ନେଇ ମଦିନା ଆଡ଼କୁ ପୁନଃ ଫେରି ଆସିଲେ । ବାଟରେ ସେମାନଙ୍କୁ କୁରୈଶ୍‌ମାନଙ୍କର ଦୁଇଜଣ ଗୁଇନ୍ଦା ମିଳିଗଲେ । ଏହି ଦୁଇ ଗୁଇନ୍ଦାଙ୍କୁ କୁରୈଶ୍‌ମାନେ ମୁସଲମାନମାନଙ୍କର ଗତିବିଧି ଉପରେ ନଜର ରଖିବା ନିମନ୍ତେ ଏବଂ ଖବର ଆଣିବା, ଆଁହଜରତ ସ.ଅଙ୍କ ଅବସ୍ଥା ବୁଝିବା ନିମନ୍ତେ ଓ ତଥ୍ୟ ସଂଗ୍ରହ ନିମନ୍ତେ ପ୍ରେରଣ କରିଥିଲେ । ତହିଁରେ ଆଶ୍ଚର୍ଯ୍ୟ ହେବାର କିଛି ପ୍ରସଙ୍ଗ ନାହିଁ ଯେ, ଉକ୍ତ ଯୋଜନା ମଧ୍ୟ କୁରୈଶମନାନଙ୍କର ଅନ୍ୟ କୌଣସି ଷଡ଼ଯନ୍ତ୍ରର ଶିରୋଭାଗ (ଅଂଶ) ହୋଇଥାଏ ପାରେ । କିନ୍ତୁ ଈଶ୍ୱରଙ୍କ କୃପା ହେଲା ଯେ, ଉମୈୟାହ୍ ଏବଂ ସଲ୍‌ମାକୁ ସେହି ଗୁଇନ୍ଦାର ସୂଚନା ମିଳିଗଲା । ଫଳତଃ ଏମାନେ ସେହି ଗୁଇନ୍ଦାମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ବନ୍ଦୀ କରିନେବାକୁ ଚାହିଁଲେ । କିନ୍ତୁ ସେମାନେ ସମ୍ମୁଖରୁ ମୁକାବିଲା କଲେ । ସୁତରାଂ ଉକ୍ତ ଯୁଦ୍ଧରେ ଏକ ଗୁଇନ୍ଦା ନିହତ ହେଲା ଏବଂ ଅନ୍ୟ ଜଣେ ଗୁଇନ୍ଦାକୁ ବନ୍ଦୀ କରି ହ. ଉମୈୟାହ୍ ଓ ହ. ସଲମା ର.ଅ ନିଜ ସହିତ ମଦିନାକୁ ନେଇ ଫେରିଗଲେ ।'' **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-741-743)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ପାକିସ୍ତାନର ପରିସ୍ଥିତି ନିମନ୍ତେ ଦୁଆ କରିବା ନିମନ୍ତେ ସର୍ବାଦ କହିଥାଏ। ତହିଁରେ ବେଳେବେଳେ ଆଧିକ୍ୟତା ଓ ବାହୁଲ୍ୟତା ମଧ୍ୟ ପରିଲକ୍ଷିତ ହୋଇଯାଇଥାଏ ଏବଂ ବ୍ୟବସ୍ଥାପିକା ଓ ସରକାର ଅହେମଦିଙ୍କ ପ୍ରତି ଅତ୍ୟାଚାର କରିବାରେ ମଧ୍ୟ ସାମିଲ୍ ହୋଇ ଯାଆନ୍ତି । ଅର୍ଥାତ୍ ସରକାର ଚରମପନ୍ଥୀ ମୌଲବୀମାନଙ୍କ ହସ୍ତରେ କ୍ରୀଡ଼ନକ (ଖେଳଣା) ସାଜିଛନ୍ତି । ପୂର୍ବେ ଏହି ଖବର ସାମ୍ନାକୁ ଆସୁଥିଲା ଯେ, ମସ୍‌ଜିଦ୍‌ର ମିନାରାକୁ ଭୂମିସାତ୍ କରିଦିଆଗଲା କିମ୍ବା ମିହରାବ୍‌କୁ ଭୂମିସାତ୍ କରି ଦିଆଗଲା । ସେମାନେ ପୂର୍ବେ ଆପତ୍ତି କରୁଥିଲେ । କିନ୍ତୁ ବର୍ତ୍ତମାନ ଡିସ୍କା ଠେରେ ଅଣଅହେମଦିମାନେ ସଡ଼କ ନିର୍ମାଣ କରିବା ଆଳରେ ପ୍ରଥମେ ନୋଟିସ୍ ପ୍ରେରଣ କଲେ ଯେ, ଆମେ ଆପଣଙ୍କର (ଅହେମଦିମାନଙ୍କର) ଏତିକି ସ୍ଥାନ ଅଧିଗ୍ରହଣ କରିବୁ ଏବଂ ସେଠାରେ ବୁଲ୍‌ଡୋଜର୍ ଚଳାଇ ଜାଗା ସଫା ସଫି କରିବୁ । ଏହି ସଡ଼କ ନିର୍ମାଣ କରିବା ମାର୍ଗରେ ମସ୍‌ଜିଦ୍‌ର କିଛି ଅଁଶ ଯଥା ସ୍ନାନାଗାର ଇତ୍ୟାଦି ଆସୁଥିଲା। କିନ୍ତୁ ଯେତେବେଳେ ସେମାନେ ବୁଲ୍‌ଡୋଜର୍ ନେଇ ଆସିଲେ ସେତେବେଳେ ସେହି ମୌଲବୀମାନଙ୍କ କହିବାନୁସାରେ ବୁଲଡୋଜର ଏବଂ ଅନ୍ୟ କର୍ତ୍ତୃୁ ବୃନ୍ଦମାନେ ସମଗ୍ର ମସ୍‌ଜିଦକୁ ଭୂମିସାତ୍ କରିଦେଲେ ଏବଂ ମସ୍‌ଜିଦ୍‌କୁ ଶହୀଦ୍ କରିଦେଲେ। ଉକ୍ତ ମସ୍‌ଜିଦ୍‌ଟି ଅତି ପୁରୁଣା ନିର୍ମିତ ହଇଛି । ଅର୍ଥାତ୍ ଦେଶ ବିଭାଜନ ପୂର୍ବର ନିର୍ମିତ ହୋଇଥିଲା । ସମ୍ଭବତଃ ଉକ୍ତ ମସ୍‌ଜିଦ୍‌କୁ ହ. ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବ ନିର୍ମାଣ (ତିଆରି କରିଥିଲେ) କରାଇଥିଲେ । ସେ ଯାହା ହେଉ ଆଜିକାଲି ଏହି ଅଣଅହେମଦିମାନେ ଏତେ ସୀମା ଟପି ଯାଇଛନ୍ତି ଯେ, ଅଲ୍ଲାଃତାଲା ହିଁ ଏମାନଙ୍କର ଯଥାଶୀଘ୍ର ଧରପକଡ଼ କରନ୍ତୁ ଏବଂ ସେମାନଙ୍କର ଅସଦ୍‌ଉପାୟ, ଆଳ ଓ କୁଯୋଜନା ସେମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତୁ ।

ଅତଏବ୍ ଏଇଥି ପାଇଁ ଅହେମଦିମାନଙ୍କୁ ବିଶେଷ ରୂପେ ପାକିସ୍ତାନର ଅହେମଦିମାନଙ୍କୁ ଅତ୍ୟଧିକ ଦୁଆ କରିବାର ଆବଶ୍ୟକତା ରହିଛି । ତେଣୁ ଆପଣମାନେ ଏଥି ପ୍ରତି ଧ୍ୟାନ ଦିଅନ୍ତୁ । ସେହିପରି ପାଲେଷ୍ଟାଇନ୍‌ର ନାଗରିକମାନଙ୍କ ନିମନ୍ତେ ଯେଉଁ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି ସେଥି ସଂକ୍ରାନ୍ତରେ କେତେବେଳେ ଏହା କୁହାଯାଇଛି ଯେ, ଚୁକ୍ତିନାମ ହୋଇଯାଇଛି ତ' ଆଉ କେତେବେଳେ ଏହା କୁହାଯାଉଛି ଯେ, ଚୁକ୍ତିନାମା ହୋଇ ନାହିଁ । ଚୁକ୍ତି ପରେ ମଧ୍ୟ ନାନା ଘଟଣା ଘଟୁଛି। ତେଣୁ ଉକ୍ତ କଥା ଯୋଗୁଁ କେତେକ ଲୋକମାନେ ନିରବତା ପରିପ୍ରକାଶ କରିବାକୁ ଲାଗିଯାଇଛନ୍ତି। କିନ୍ତୁ ସେମାନଙ୍କୁ ବୁଝିବା ଉଚିତ୍ ଯେ, ଦଜ୍ଜାଲୀୟ ଶକ୍ତିମାନଙ୍କର କୌଣସି ଭରସା ନାହିଁ । ଏମାନେ କହୁଛନ୍ତି ଗୋଟେ କଥା ଏବଂ କରୁଛନ୍ତି ଆଉ ଗୋଟେ କଥା । ତେଣୁ ଅଧିକ ସୁଧାରଣା ଏବଂ ଆଶା ପୋଷଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବାର ଆବଶ୍ୟକତା ରହିଛି ଏବଂ ମୁସଲମାନମାନଙ୍କୁ ନିଜ ବୁଦ୍ଧିର ସଦୁପଯୋଗ କରି ନିଜର ଅଧିକାର ପ୍ରାପ୍ତ କରିବା ପ୍ରତି ମଧ୍ୟ ଉଦ୍ୟମ କରିବା ଉଚିତ୍ । ଅଲ୍ଲାଃତାଲା ମୁସଲମାନ ଜାତିକୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । **ଆମିନ୍ । (ଅବଶିଷ୍ଟାଂଶ............ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan